
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୯ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 09 DECEMBER 2022
Vol.No. 33 ■ No. 320 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଗୁଜରାଟରେ ବିଜେପିର ରେକର୍ଡ ବିଜୟ



ନୂଆଦିଲ୍ଲୀ, ୦୮/୧୨ : ଗୁଜରାଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝଡ଼। ମୋଦି ସୁନାମୀରେ ଛିନଛତ୍ର ବିରୋଧୀ। ବିଜେପିର ହୋଇଛି ଐତିହାସିକ ବିଜୟ। ସଫଳ ହେଲା ଅବ କୀ ବାର ୧୫୦ ପାର୍ ନାରା। ଫେଲ ମାରିଲା ବିରୋଧୀଙ୍କ ସବୁ ରଣନୀତି। ସମସ୍ତଙ୍କୁ ଚକିତ କରି ରାଜ୍ୟର ୧୮୨ ଆସନରୁ ବିଜେପି ଏକତରଫା ଭାବେ ୧୫୬ଟିରେ ବାଜିମାତ କରିଛି। ଏଥିସହ ଇତିହାସ ପୃଷ୍ଠାରେ ବିଜେପି ସବୁଦିନ ପାଇଁ ନିଜ ନାଁକୁ ଲିପିବଦ୍ଧ କରିଦେଇଛି। ଗୁଜରାଟରେ କ୍ରମାଗତ ୭ମ ଥର ପାଇଁ ଦଳ ଶାସନ କରିବାକୁ ପାଇଛି ଜନାଦେଶ। ବିରୋଧୀ କଂଗ୍ରେସ ମାତ୍ର ୧୭ଟି ଆସନ ପାଇଥିବା ବେଳେ ବଡ଼ବଡ଼ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖିଥିବା ଆପ୍ କେବଳ ୫ ଆସନରେ ଅଟକିଛି। ଅନ୍ୟାନ୍ୟ ଦଳ ୪ଟି ଆସନ ଜିତିଛନ୍ତି। ୨୦୧୭ ତୁଳନାରେ ୨୦୨୨ରେ ବିଜେପି ଜିତିଛି ଅଧିକ ୫୭ଟି ଆସନ। କଂଗ୍ରେସର ଆସନ ସଂଖ୍ୟା ୬୧ଟି ହ୍ରାସ ପାଇଛି। ୨୦୨୨ରେ ବିଜେପି କେବଳ ଜିତିନି ବରଂ ନିଜ ରେକର୍ଡକୁ ନିଜେ ଭାଙ୍ଗିଛି। ୨୦୦୨ ବିଧାନସଭା ନିର୍ବାଚନରେ ବିଜେପି ୧୨୭ଟି ଆସନ ଜିତିଥିଲା। ଏହା ବିଜେପିର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ନରେନ୍ଦ୍ର ମୋଦି ଏହି ରେକର୍ଡ କରିଥିଲେ। ଏହାପରେ ଦଳ କ୍ରମାଗତ ଭାବେ ଗୁଜରାଟ ବିଧାନସଭା ନିର୍ବାଚନରେ ଆସନ ହରାଇ ଚାଲିଥିଲା। କିନ୍ତୁ ସରକାର ବଜାୟ ରଖିଥିଲା। ଏବେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଥିବା ବେଳେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମୟରେ ବିଜେପି ନିଜ ରେକର୍ଡକୁ ନିଜେ ଭାଙ୍ଗି ଇତିହାସ ରଚିଛି। ବିଜେପି ଏଥର ଅବ କୀ ବାର ୧୫୦ ପାର୍ ନାରା ଦେଇ ନିର୍ବାଚନ ମୈଦାନାକୁ ଓହ୍ଲାଇଥିଲା। ଦଳର ପ୍ରଚାର ମଙ୍ଗ ସମ୍ଭାଳିଥିଲେ ଖୋଦ ପ୍ରଧାନମନ୍ତ୍ରୀ ମୋଦି। ୨୭ଟି ରାଲି ସହ ଘନଘନ ରୋଡ୍ ଶୋ' କରି ମୋଦି ଗୁଜରାଟବାସୀଙ୍କୁ ଭୋଟ ମାଗିଥିଲେ। ଦୀର୍ଘ ୨୭ ବର୍ଷ ହେଲା ରାଜ୍ୟରେ ବିଜେପି କ୍ଷମତାରେ ଥିବାରୁ ଏହାର ପ୍ରତିକୂଳ ପ୍ରଭାବ ଦଳ ଉପରେ ପଡ଼ିବ ବୋଲି ବିରୋଧୀ ଆଶା କରିଥିଲେ। କିନ୍ତୁ ମୋଦିଙ୍କ ପ୍ରଚାର ଆଗରେ ସେସବୁ ଫିକା ପଡ଼ି ଯାଇଛି। ବିଜେପି ଏଠାରେ କେବଳ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୯୨ ହାସଲ କରିନି ବରଂ ବିଜୟରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ୧୯୮୫ରେ କଂଗ୍ରେସ ମାଧବସିଂହ ସୋଲାଙ୍କିଙ୍କ ନେତୃତ୍ୱରେ ୧୪୯ଟି ବିଧାନସଭା ଆସନ ଜିତିଥିଲା। ଏହା ଗୁଜରାଟ ବିଧାନସଭା ନିର୍ବାଚନରେ ସର୍ବକାଳୀନ ରେକର୍ଡ ଥିଲା। ୧୯୮୫ ପରଠାରୁ କୌଣସି ରାଜନୀତିକ ଦଳ ୧୪୯ କିମ୍ବା ତା' ଠାରୁ ଅଧିକ ଆସନ ଜିତି ପାରି ନଥିଲେ। ନରେନ୍ଦ୍ର ମୋଦି ଦୀର୍ଘ ବର୍ଷ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ମଧ୍ୟ ▶▶ପୃଷ୍ଠା ୭

## ପଦ୍ମପୁର ଉପ ନିର୍ବାଚନ ଜିତିଲା ବିଜେଡି



ଭୁବନେଶ୍ୱର, ୦୮/୧୨ (ନି.ପ୍ର): ପଦ୍ମପୁର ଉପ ନିର୍ବାଚନ ଜିତିଲା ବିଜେଡି । ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ହରାଇଲେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା । ତେବେ ୨୩ ରାଉଣ୍ଡ ଗଣତି ପରେ ବିଜେଡି ପ୍ରାର୍ଥୀ ୪୨ ହଜାର ୦୬୫ ଭୋଟରେ ବିଜୟୀ ହୋଇଛନ୍ତି । ୨୩ ରାଉଣ୍ଡ ଗଣତିରେ ବିଜେଡିକୁ ୧ ଲକ୍ଷ ୧୯ ହଜାର ୫୧୨ ଭୋଟ୍ ମିଳିଥିବାବେଳେ, ବିଜେପିକୁ ୭୭ ହଜାର ୪୪୭ ଭୋଟ୍ ମିଳିଛି । ଅନ୍ୟପଟେ କଂଗ୍ରେସ ହାତକୁ ମାତ୍ର ୩୫୪୮ ଭୋଟ୍ ରହିଛି । ତେଣୁ ବିଜେପି ପ୍ରାର୍ଥୀଙ୍କୁ ୪୦ ହଜାରରୁ ଅଧିକ ଭୋଟରେ ହରାଇ ପଦ୍ମପୁର ଦଖଲ କରିଛି ଶାସକ ବିଜୁ ଜନତା ଦଳ । ତେବେ ଜୋରଦାର ଚର୍ଚ୍ଚା। ଆଲୋଚନା ଭିତରେ ତିନି ପ୍ରମୁଖ ଦଳ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ । ପଦ୍ମପୁରରେ ଏଥର ଭାଗ୍ୟ ପରୀକ୍ଷା କରିଥିଲେ ୧୦ ଜଣ ପ୍ରାର୍ଥୀ । ବିଜେଡି ଦିବଙ୍ଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ ବର୍ଷା ସିଂ ବରିହାଙ୍କୁ ପ୍ରାର୍ଥୀ କରି ମୈଦାନକୁ ଓହ୍ଲାଇଥିବାବେଳେ, ବିଜେପି ପୁଣିଥରେ ପ୍ରଦୀପଙ୍କୁ ନିଜର ସେନାପତି ବାଛିଥିଲା । ହେଲେ ଧାମନଗର ସଫଳତା ପରେ ବିଜେପିକୁ ଏହାକୁ ଦୋହରାଇ ପାରିନି । ଅନ୍ୟପଟେ ଧାମନଗର ପରାଜୟ ପରେ ପୁଣି ବଡ ବିଜୟ ପାଇଛି ବିଜେଡି ।

## ଆମ୍ ଆଦମୀ ପାର୍ଟି ଉପରେ ଥରୁରଙ୍କ ବଡ ଅଭିଯୋଗ

ନୂଆଦିଲ୍ଲୀ, ୦୮/୧୨ : ଗୁଜରାଟ ଇତିହାସରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି କଂଗ୍ରେସ । ଏନେଇ ଦଳର ବରିଷ୍ଠ ନେତା ଶଶି ଥରୁରୁ କହିଛନ୍ତି କି, 'ଗୁଜରାଟ ନିର୍ବାଚନରେ ଦଳୀୟ ପ୍ରଚାର ତାଲିକାରେ ମୋର ନାମ ନଥିଲା, ଏପଟେ ଦଳର ବିପର୍ଯ୍ୟୟକୁ ନେଇ କିଛି କହିବା ମୁସ୍କିଲ' । ସେପଟେ ଗୁଜରାଟ ଓ ହିମାଚଳ ପ୍ରଦେଶ ନିର୍ବାଚନ ପ୍ରଚାର ତାଲିକାରେ ଦଳ ତାଙ୍କ ନାମ ସେତେବେଳେ କାଟି ଦେଇଥିଲା ଯେତେବେଳେ ସେ ମଲ୍ଲିକାର୍ଜୁନ ଖଡଗେଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିଲା । ଆଜିର ନିର୍ବାଚନ ଫଳାଫଳକୁ ନେଇ ଥରୁର କହିଛନ୍ତି କି, ଏ ଖବର ସମସ୍ତଙ୍କୁ ଚକିତ କରିଦେବ, ଯେତେବେଳ ସରକାର ବିରୋଧୀ ହାୱା ହିମାଚଳରେ ଦେଖାଗଲା ତାହା ଗୁଜରାଟରେ ଦେଖିବାକୁ ମିଳିଲା ନାହିଁ । ଏହାସହ ସେ କହିଛନ୍ତି କି, ଆମ୍ ଆଦମୀ ପାର୍ଟିର ଭୂମିକା ଗୁଜରାଟରେ କଂଗ୍ରେସ ପରାଜିତ ହେବାର ମୁଖ୍ୟ କାରଣ ବୋଲି ସେ କହିଛନ୍ତି । ସେପଟେ ଗୁଜରାଟରେ ଆମ୍ ଆଦମୀ ପାର୍ଟି ପାଖାପାଖି ୬ ଟି ଆସନରେ ଆଗୁଆ ରହିଛି । ହେଲେ ଏକ ନୂଆ ରାଜନୈତିକ ଦଳ ଭାବେ ୩ ଟି ରାଜ୍ୟରେ ନିଜର ଦବଦବା ଜାହିର କରିବାରେ ସଫଳ ହେବାକୁ ନେଇ ଦଳ ଖୁସି ମନାଉଛି । କାରଣ ଗୁଜରାଟରେ ଏପର୍ଯ୍ୟନ୍ତ କଂଗ୍ରେସ ଓ ବିଜେପି କେବଳ ବିକଳ୍ପ ଭାବେ କୁହାଯାଉଥିବା ବେଳେ ଆମ୍ ଆଦମୀ ପାର୍ଟି ଉଭୟ କଂଗ୍ରେସ ଓ ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି ।

## ବିଜେପି ଠାରୁ ହିମାଚଳ ପ୍ରଦେଶ ଛଡ଼ାଇ ଆଣିଲା କଂଗ୍ରେସ



ଶିମଲା, ୦୮/୧୨ (ନି.ପ୍ର): ଗୁଜରାଟରେ ଐତିହାସିକ ବିଜୟ ହାସଲ କରିଥିବା ବିଜେପିକୁ ହିମାଚଳ ପ୍ରଦେଶରେ ଶକ୍ତ ଝଟକା ଲାଗିଛି। ଏଠାରେ ବିଜେପି ଠାରୁ କ୍ଷମତା ଛଡ଼ାଇ ଆଣିଛି କଂଗ୍ରେସ। ୨୦୧୭ରେ ଏଠାରେ ବିଜେପି ବୃହତ ବିଜୟ ସହ ସରକାର ଗଠନ କରିଥିଲା। ହେଲେ ୨୦୨୨ରେ ସ୍ଥିତି ବଦଳି ଯାଇଛି। କଂଗ୍ରେସ ଏଠାରେ ସରକାର ଗଠନ କରିବାକୁ ଯାଉଛି। ହିମାଚଳ ପ୍ରଦେଶର ୬୮ଟି ଆସନରୁ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୩୫। ନିର୍ବାଚନ କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, କଂଗ୍ରେସ ୪୦ଟି ଆସନରେ ଜିତିଛି। ଏହାର ଅର୍ଥ ଦଳ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିନେଇଛି। ବିଜେପି ଏଠାରେ ୨୫ଟି ଆସନରେ ଜିତିଛି। ଏହା ମ୍ୟାଜିକ ନମ୍ବର ଠାରୁ ୧୦ କମ। ଆପ୍ ଏଠାରେ ନିଜର ଭାଗ୍ୟ ପରୀକ୍ଷା କରୁଥିଲେ ମଧ୍ୟ ଖାତା ଖୋଲିବାକୁ ସକ୍ଷମ ହୋଇନି। ଅନ୍ୟାନ୍ୟ ଦଳର ପ୍ରାର୍ଥୀମାନେ ୩ଟି ଆସନରେ ଜିତିଛନ୍ତି। ବିଜେପିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ପରାଜୟକୁ ସ୍ୱୀକାର କରିନେଇଛନ୍ତି। ଏଥିସହ ସେ ରାଜ୍ୟପାଳଙ୍କୁ ଭେଟି ନିଜର ଇସ୍ତଫାପତ୍ର ମଧ୍ୟ ହସ୍ତାନ୍ତର କରିଛନ୍ତି। ନୂଆ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଯାଏ ଶ୍ରୀ ଠାକୁର ଏହି ପଦରେ ରହିବେ। ୨୦୧୭ ବିଜେପି ୪୪ଟି ଆସନ ଜିତିଥିବା ବେଳେ କଂଗ୍ରେସ ୨୧ଟି ଓ ଅନ୍ୟାନ୍ୟ ଦଳ ଗୋଟିଏ ଆସନରେ ଜିତିଥିଲେ। ହିମାଚଳ ପ୍ରଦେଶରେ କଂଗ୍ରେସର ବିଜୟ ପରେ ରାହୁଲ ଗାନ୍ଧି ଟ୍ୱିଟ କରି ଦଳ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବ ବୋଲି କହିଛନ୍ତି।

## ଓଲଟିଲା ବରଯାତ୍ରୀଙ୍କୁ ନେଇ ଯାଉଥିବା ଟ୍ରାକ୍ଟର, ୬ ମୃତ

ଅମରାବତୀ, ୦୮/୧୨ (ନି.ପ୍ର): ଓଲଟି ପଡିଲା ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର। ଫଳରେ ଘଟଣାସ୍ଥଳରେ ହିଁ ଚାଲିଗଲା ୬ ଜଣଙ୍କ ଜୀବନ। ଏଥିସହ ଅନ୍ୟ ୨୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଏଭଳି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ଆନ୍ଧ୍ରପ୍ରଦେଶର ଚିତ୍ତୋର୍‌ରେ। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ଇରାଲ ମଣ୍ଡଳର ବଲିଜାପଲ୍ଲେ ଗାଁରୁ ଆରମ୍ଭ ହୋଇଥିଲା ବରଯାତ୍ରୀ। ଟ୍ରାକ୍ଟରରେ ବସି ଝିଅ ଘର ଆଡକୁ ବରଯାତ୍ରୀ ଯାଉଥିଲେ। ଏମାନେ ଗୁରୁବାର ସକାଳେ ଜେଙ୍ଗିପଲ୍ଲେ ଗାଁରେ ହେବାକୁ ଥିବା ବିବାହରେ ସାମିଲ ହୋଇଥାନ୍ତେ। କିନ୍ତୁ ଅଧବାଟରେ ହିଁ ବରଯାତ୍ରୀଙ୍କୁ ନେଇ ଆସୁଥିବା ଟ୍ରାକ୍ଟରଟି ଦ୍ରୁତ ଗତି ଯୋଗୁ ଭାରସାମ୍ୟ ହରାଇଥିଲା ଓ ରାସ୍ତାକଡକୁ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଟ୍ରାକ୍ଟର ଚାଳକ, ଦୁଇ ଜଣ ମହିଳା ଓ କିଛି ପିଲା ଅଛନ୍ତି। ସେପଟେ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିତ୍ତୋର, ବେଲ୍ଲୁର ଓ ତିରୁପତି ହସ୍ପିଟାଲରେ ଭର୍ତ୍ତି କରିଛି।

## ୧୨ ତାରିଖରେ ଶପଥ ନେବେ ଗୁଜରାଟ ମୁଖ୍ୟମନ୍ତ୍ରୀ



ଅହମଦାବାଦ, ୦୮/୧୨ : ପୁଣିଥରେ ଗୁଜରାଟରେ ଚାଲିବ ବିଜେପି ଶାସନ। କ୍ରମାଗତ ୭ମଥର ପାଇଁ ବିଜେପି ରାଜ୍ୟରେ ସରକାର ଗଠନ କରିବାକୁ ଯାଉଛି। ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାରେ ବିଜେପି ରେକର୍ଡ ୧୫୦ରୁ ଅଧିକ ସିଟ୍ ଜିତିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଇତି ମଧ୍ୟରେ ବିଜେପି ୧୧୮ଟି ଆସନରେ ଲିଡ୍ କରୁଥିବା ବେଳେ ୪୦ଟି ଆସନରେ ଜିତି ସାରିଲାଣି। ଦଳର ଭୋଟ ଶେୟାର ମଧ୍ୟ ୫୬% ଅତିକ୍ରମ କରିଛି। ଏହା ଗୁଜରାଟ ରାଜନୀତିରେ ଗୋଟିଏ ରେକର୍ଡ। ପୂର୍ବରୁ କେବେ ହେଲେ ବିଜେପିର ଭୋଟ ଶେୟାର ୫୦% ଅତିକ୍ରମ କରି ନଥିଲା। ଏହି ଐତିହାସିକ ବିଜୟ ସମ୍ପର୍କରେ ବିଧିବଦ୍ଧ ଘୋଷଣା ହେବା ପୂର୍ବରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଶପଥପାଠ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଆସନ୍ତା ୧୨ ତାରିଖ ଦିନ ୨ଟାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶପଥ ନେବେ। ନିର୍ବାଚନର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇ ଭୂପେନ୍ଦର ପଟେଲଙ୍କୁ ବିଜେପି କମାଣ ସମ୍ଭାଳିଥିଲା। ଏବେ ବିଜେପି ସଫଳତା ପାଇଥିବାରୁ ଶ୍ରୀ ପଟେଲ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ସେହିପରି ଏହି ଶପଥପାଠ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯୋଗଦେବେ। ରାଜ୍ୟ ବିଜେପି ମୁଖ୍ୟ ସିଆର ପାଟିଲ କହିଛନ୍ତି, "ବିଜେପିକୁ ପୁଣି ନିର୍ବାଚିତ କରିବା ପାଇଁ ଗୁଜରାଟର ଲୋକମାନେ ମନସ୍ତ କରି ନେଇଛନ୍ତି। କେନ୍ଦ୍ର ଓ ଗୁଜରାଟରେ ଥିବା ବିଜେପି ସରକାର ଉତ୍ତର ନୀତି ଓ ବିକାଶର ବିଜୟ ହୋଇଛି। ରାଜ୍ୟରେ ଜୋରଦାର ପ୍ରଚାର କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଉଛି।

## ମୁଲାୟମଙ୍କ ଆସନ ଦଖଲ କଲେ ବୋହୂ ଡିମ୍ପଲ ଯାଦବ



ଲକ୍ଷ୍ନୌ, ୦୮/୧୨ : ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମ ସିଂହ ଯାଦବଙ୍କ ପାରମ୍ପରିକ ଆସନ ମୈନପୁରୀରେ ବାଜିମାତ କରିଛନ୍ତି ବୋହୂ ଡିମ୍ପଲ ଯାଦବ। ମୁଲାୟମଙ୍କ ଦେହାନ୍ତ ପରେ ଏହି ଲୋକସଭା ଆସନରେ ଉପ ନିର୍ବାଚନ ହୋଇଥିଲା। ଏଠାରେ ସମାଜବାଦୀ ପାର୍ଟି ଅଖିଲେଶ ଯାଦବଙ୍କ ପତ୍ନୀ ଡିମ୍ପଲଙ୍କୁ ପ୍ରାର୍ଥୀ କରିଥିଲା। ସେ ମଧ୍ୟ ସମାଜବାଦୀ ପାର୍ଟିର ପାରମ୍ପରିକ ଆସନରେ ଦମଦାର ପ୍ରଦର୍ଶନ କରି ଏକତରଫା ବିଜୟ ହାସଲ କରିଛନ୍ତି। ଡିମ୍ପଲଙ୍କ ବିରୋଧରେ ବିଜେପି ରଘୁରାଜ ସିଂହ ଶକ୍ୟାଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ମୈନପୁର ଉପ ନିର୍ବାଚନରେ ତାଙ୍କର ପ୍ରଭାବ ଆଦୌ ପଡ଼ି ନାହିଁ। ଏହି ଉପ ନିର୍ବାଚନରଆ ଡିମ୍ପଲ ଯାଦବ ମୋଟ ୬,୧୮,୧୨୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ଭୋଟ ଶେୟାର ୬୪.୦୮% ରହିଛି। ସେହିପରି ରଘୁରାଜ କେବଳ ୩୪.୧୮% ଭୋଟ ସହ ୩,୨୯,୬୫୯ ଖଣ୍ଡ ଭୋଟ ପାଇଛନ୍ତି। ଏହାର ଅର୍ଥ ୩ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ଡିମ୍ପଲ ଜିତିଛନ୍ତି। ଏମାନଙ୍କ ବ୍ୟତୀତ ଭାରତୀୟ କୃଷକ ଦଳର ପ୍ରମୋଦ କୁମାର ଯାଦବ ୩,୮୦୧, ଆରଏସଏସପିର ଭୂପେନ୍ଦର କୁମାର ଧାଙ୍ଗର ୨୧୩୭, ସ୍ୱାଧୀନ ପ୍ରାର୍ଥୀ ସୁରେଶ ଚନ୍ଦ୍ର ୨୩୦୩, ସ୍ୱାଧୀନ ପ୍ରାର୍ଥୀ ସୁଷମା ଦେବୀ ୨୪୦୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ନୋଟାରେ ୬,୧୨୫ ଭୋଟ ପଡ଼ିଛି। ଏହାର ଅର୍ଥ ସ୍ୱାଧୀନ ଓ ଅନ୍ୟାନ୍ୟ ରାଜନୀତିକ ଦଳଗୁଡ଼ିକ ତୁଳନାରେ ନୋଟରେ ଅଧିକ ଲୋକ ଭୋଟ ଦେଇଛନ୍ତି।

## ଲାଞ୍ଚନେବା ଅପରାଧରେ ଦଳାଙ୍ଗ ଆର.ଆଇ. ଜିଲ୍ଲାପାଳଙ୍କ ଦ୍ୱାରା କାର୍ଯ୍ୟରୁ ନିଲମ୍ବିତ

ଭଦ୍ରକ, ୦୮/୧୨ (ନି.ପ୍ର): ଧାମନଗର ତହସିଲ ଅଧୀନ ଦଳାଙ୍ଗ ରାଜସ୍ୱ ମଣ୍ଡଳ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ସରକାରୀ କାର୍ଯ୍ୟରେ ଥାଇ ଲାଞ୍ଚନେବା ଅପରାଧରେ ରାଜସ୍ୱ ନିରୀକ୍ଷକ ତାପସ ରଞ୍ଜନ ଜେନାଙ୍କୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଗତକାଲି ତା ୭-୧୨-୨୨ରିଖ ବୁଧବାର ଦିନ ଉକ୍ତ ଆର.ଆଇ ଜାତିଗତ ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲକୁ ରିପୋର୍ଟ ପ୍ରେରଣ ନେଇ ଜଣେ ବ୍ୟକ୍ତିଙ୍କ ସହ ମୂଲଚାଲ କରୁଥିବା ଓ ୫୦୦ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହେବା ଆଧାରରେ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରକୃତ ଘଟଣାର ତଦନ୍ତ କରାଯାଇ ସରକାରୀ କାର୍ଯ୍ୟରେ ଥାଇ ସାଧାରଣ ଜନତାଙ୍କ ଠାରୁ ଲାଞ୍ଚ ଦାବି କରିବା ଓ ଲାଞ୍ଚ ଗ୍ରହଣ କରିବା ଅପରାଧରେ ସଂପୃକ୍ତ ଆର.ଆଇ ତାପସ ରଞ୍ଜନ ଜେନାଙ୍କୁ ଗତକାଲି ହିଁ ଜିଲ୍ଲାପାଳଙ୍କ ଦ୍ୱାରା ନିଲମ୍ବନ ଆଦେଶ ଜାରି କରାଯାଇଛି । ଏହି ଅପରାଧ ନେଇ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ରାଜସ୍ୱ ବିଭାଗକୁ ମଧ୍ୟ ସୁପାରିଶ କରାଯାଇଛି । ନିଲମ୍ବନ ଅବଧିରେ ତାଙ୍କ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକକୁ ହେଡ୍‌କ୍ୱାର୍ଟର ସ୍ଥିର କରାଯାଇଛି । କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସଦର ମହକୁମା ସେ ଛାଡ଼ି ପାରିବେ ନାହିଁ ବୋଲି ଆଦେଶନାମାରେ ଦର୍ଶାଯାଇଛି ।

## ଓସିଏସ୍ ପ୍ରିଲିମ୍‌ରେ ଉତ୍ତୀର୍ଣ୍ଣ ହେଲେ ୫୨୯୬ ଜଣ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ୍ ସର୍ଭିସ୍ ପ୍ରିଲିମନାରୀ ପରୀକ୍ଷା ୨୦୨୧ ରେଜଲ୍ଟ ପ୍ରକାଶ ପାଇଛି। ପ୍ରିଲିମନାରୀ ପରୀକ୍ଷାରେ ମୋଟ ୫୨୯୬ ଜଣ ପ୍ରାର୍ଥୀ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୭୪୯ ମହିଳା ପ୍ରାର୍ଥୀ ରହିଛନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇପାରେ। ଗୁରୁବାର ଦିନ ଓପିଏସସି ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ଓପିଏସସିର ସୂଚନା ଅନୁଯାୟୀ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅଣସଂରକ୍ଷିତ ବର୍ଗରେ ୨୮୦୨(୯୪୪ ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗରେ ୪୭୫ (୧୪୪ ମହିଳା), ଅନୁସୂଚିତ ଜାତି ବର୍ଗରେ ୮୭୭ (୨୯୪ ମହିଳା) ଏବଂ ଅନୁସୂଚିତ ଜନଗାତି ବର୍ଗରେ ୧୧୪୨ (୨୯୪ ମହିଳା) ରହିଛନ୍ତି। ସୂଚନା ଅନୁଯାୟୀ ସମୁଦାୟ ୪୩୩ (୧୪୨ମହିଳା) ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ମୋଟ ୫୮,୨୪୧ (୨୦,୯୩୦ ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଅକ୍ଟୋବର ୧୬ ତାରିଖରେ ଅନୁଷ୍ଠିତ ପ୍ରିଲିମନାରୀ ପରୀକ୍ଷାରେ ୨୯,୨୯୫ (୧୦,୨୮୪ ମହିଳା) ପ୍ରାର୍ଥୀ ପରୀକ୍ଷା ଦେଇଥିଲେ ।

## ରାସ୍ତାରେ ମାଣ ବସାଇଲେ ଶିକ୍ଷୟିତ୍ରୀ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଆଜି ବିଧାନସଭା ସମ୍ମୁଖରେ ଧାରଣାସ୍ଥଳରେ ଓଡ଼ିଶା ଲେଫ୍‌ଟ ଆଉଟ୍ ଗଣଶିକ୍ଷକ ମହାସଂଘର ଦୁଇଟି କାର୍ଯ୍ୟକ୍ରମ ଏକା ସମୟରେ ଅନୁଷ୍ଠିତ ହୋଇଥିବାର ଦେଖାଯାଇଥିଲା । ଗୋଟିଏ କାର୍ଯ୍ୟକ୍ରମ ହେଲା ସେମାନଙ୍କର ସମସ୍ୟା ଓ ଦାବି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଚାଲିଥିଲା । ଅନ୍ୟ ପଟେ ଏହି ସଂଘର ଶିକ୍ଷୟିତ୍ରୀମାନେ ରାଜରାସ୍ତାରେ ମାଣବସା ଗୁରୁବାର ଓ ଲକ୍ଷ୍ମୀପୂଜାରେ ମନନିବେଶ କରିଥିଲେ । ଆମ୍ଭେ ୫ଦିନ ହେଲା ରାଜରାସ୍ତାରେ ବସିଛୁ, ଶୀତ କାକରରେ ପଡ଼ିଛୁ, ସରକାର ଆମ ଦାବିକୁ କର୍ଣ୍ଣପାତ କରୁନାହାଁନ୍ତି, ସରକାର ଆମ ଚାରି ହଜାର ଶିକ୍ଷକଙ୍କୁ ଛାଡ଼ି ଅନ୍ୟମାନଙ୍କୁ ନିୟମିତ କଲେ, ସେହି ନିୟମ ଅନୁସାରେ ଆମକୁ କାହିଁକି ନିୟମିତ କରୁନାହାଁନ୍ତି ଏବଂ କେବେ କରିବେ, ଏହି ଦାବି ନେଇ ଆମେ ଆଜି ଘରଦ୍ୱାର ଛାଡ଼ି ରାଜରାସ୍ତାରେ ଶୀତ କାକରରେ ପଡିରହିଛୁ ବୋଲି କହିଛନ୍ତି ଲେଫ୍‌ଟ ଆଉଟ୍ ଗଣଶିକ୍ଷକ ସଂଘର ସଭାପତି ସୁଧାଂଶୁ ଶେଖର ବଡୁ । ସରକାର ଯଦି ୧୪ ତାରିଖ ସୁଦ୍ଧା ଆମ ଦାବି ନ ଶୁଣନ୍ତି ଏବଂ ମୁଖ୍ୟ ଶାସନ ସଚିବ ଆମ ସହିତ ଆଲୋଚନା ନ କରନ୍ତି, ତେବେ ଆସନ୍ତା ୧୫ ତାରିଖ ଦିନ ଆମସଂଘର ମହାସମାବେଶ ରାଜଧାନୀରେ ଅନୁଷ୍ଠିତ ହେବ ଏବଂ ଏହି ମହାସମାବେଶରେ ଯାହାକିଛି ଘଟଣା ଘଟିବ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ସଭାପତି ଶ୍ରୀ ବଡୁ । ଆମକୁ ୧୩.୧.୨୦୧୭ରୁ ନିୟମିତ ଘୋଷଣା କରାଯାଉ ଏବଂ ଆମ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ସହ ସବୁ ସରକାରୀ କର୍ମଚାରୀ ଭଳି ମାନ୍ୟତା ମିଳୁ ଏବଂ ସମାନ କାମକୁ ସମାନ ଦରମା ମିଳିବା ଦାବିନେଇ ଆମେ ଯେଉଁ ଆନ୍ଦୋଳନ କରିଆସିଅଛୁ ଆଉ ଚୁପ୍ ହୋଇ ବସିବୁ ନାହିଁ । ଆମେ ଆମ ପରିବାର ସମସ୍ତେ ଆସି ୧୫ ତାରିଖ ଦିନ ଏକ ବିରାଟ ଜନ ଆନ୍ଦୋଳନ କରି ସରକାରଙ୍କୁ ଉଚିତ୍ ଜବାବ ଦେବୁ ବୋଲି ପ୍ରକାଶ କରିଛନ୍ତି ସଂଘର ସାଧାରଣ ସମ୍ପାଦକ ପବିତ୍ର କୁମାର କାର୍ଜି । ▶▶ପୃଷ୍ଠା ୭

## ୫ଟି ନିୟମକୁ ମାନୁ ନାହାନ୍ତି କର୍ମଚାରୀ

ଭବାନୀପାଟଣା, ୦୮/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଖୋଲା ରହୁନାହିଁ। ଯାହା ଫଳରେ କୃଷି ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଚାଷୀ ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି। ନିୟମ ଅନୁଯାୟୀ, ସକାଳ ୧୦ଟା ସମୟରେ ସରକାରୀ କାର୍ଯ୍ୟାଳୟ ଖୋଲା ରହିବା କଥା, ହେଲେ କୋକସରା ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ତାହା ବ୍ୟତିକ୍ରମ ଦେଖାଦେଇଛି। ଏଠାରେ କାର୍ଯ୍ୟରତ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହୁ ନଥିବା ବେଳେ ବୁଧବାର ୧୧.୨୦ ସମୟ ସୁଦ୍ଧା ଅଫିସ୍ ଖୋଲା ରହି ନଥିଲା। ଫଳରେ କୃଷି ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ନେଇ ଆସିଥିବା ଲଡୁଗାଁର ସୁକାନ୍ତ ଛତ୍ରିଆ, ଓମ୍ ପ୍ରକାଶ ମହାନନ୍ଦ, ଚିକିଲି ଗ୍ରାମର ରମେଶ ନାଏକ ସମେତ ଅନେକ ଚାଷୀ ନିରାଶାରେ ଫେରି ଯାଇଥିବା ଦେଖୁଥିବା ମିଳିଥିଲା। ପୂର୍ବରୁ ମଧ୍ୟ କାର୍ଯ୍ୟାଳୟ ଠିକ୍ ସମୟରେ ଖୋଲା ରହୁନଥିବା ବେଳେ ଅନେକ ଲୋକ କାର୍ଯ୍ୟାଳୟ କୁ ଆସି ନିରାଶ ହେଉଥିବା ଦେଖିବାକୁ ମିଳିଛି। ତେବେ ସାଧାରଣ ଲୋକଙ୍କ ଟିକସ ପଇସାରୁ ସରକାରଙ୍କ ଠାରୁ ମାସ କୁ ମାସ ନିୟମିତ ଦରମା ନେଉଥିବା ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟାଳୟ ଖୋଲିବାରେ ଅବହେଳା କାହିଁକି। ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଦାୟିତ୍ୱରେ ଥିବା କୋକସରା ଗୋଷ୍ଠୀ କୃଷି ଅଧିକାରୀ ହେମାନନ୍ଦ ମାଝୀଙ୍କୁ ଗଣମାଧ୍ୟମ ପ୍ରତିନିଧି ମାନେ ଅବଗତ କରିବାର ଦିର୍ଘ ସମୟ ପରେ କାର୍ଯ୍ୟଳୟ ଖୋଲା ଯାଇଥିଲା।

## ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା ଅଭିଯୋଗ

ଜୟପୁର , ୦୮/୧୧ (ନି.ପ୍ର): ଜୟପୁର ସଦର ଅଂଚଳର ଜଣେ ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା ହୋଇଥିବା ନେଇ ଅଭିଯୋଗ ହୋଇଛି । ମହିଳା ପୋଲିସ ସୂଚନା ଅନୁଯାୟୀ ଜୟପୁର ପାମ୍ପୁଣି ଅଞ୍ଚଳର ଅଭିଯୁକ୍ତ ସୁନିଲ ପ୍ରଧାନ ଯୁବତୀକୁ ୨ ବର୍ଷ ତଳେ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ପରେ ପ୍ରତରଣା କରିଥିଲେ । ଏନେଇ ଯୁବତୀ ଜଣକ ଜୟପୁର କୋର୍ଟ ରେ ଅଭିଯୋଗ କରିଥିଲେ । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ମହିଳା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

## କେନ୍ଦ୍ରାପଡା ଜେନିଥ୍ ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶ୍ୟାମଗୁଡିଆ ସ୍ଥିତ ଜେନିଥ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଚେୟାରମ୍ୟାନ ଚିତ ରଞ୍ଜନ ରଥ, ଡାଇରେକ୍ଟର ବିକ୍ରମ କେଶରୀ ଓ ଅଧକ୍ଷ ଡ଼ଃ ଚନ୍ଦ୍ରଭାନୁ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅଣୁଷ୍ଠିତ ହୋଇଥିଲା । ପିଏନଏସ ଇଂଜିନିୟରିଂ କଲେଜ ର ଅଧକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରି ପ୍ରତିଯୋଗିତାରେ ଖେଳୁଆଡ ମନୋଭାବ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପଦକ କରି ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

## କେଏମଏନଆର ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃର ପରିଚାଳନା ପରିଷଦ ବୈଠକ

ଜୟପୁର , ୦୮/୧୧ (ନି.ପ୍ର): କୋରାପୁଟ ମାଲକାନଗିରି ନବରଙ୍ଗପୁର ରାୟଗଡା ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ ଜୟପୁରର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ଆମ୍ବା ସଭାଗୃହ ଜୟପୁର ଠାରେ ଆଂଚଳିକ ଦୁଗ୍ଧ ସଂଘର ସଭାପତି ଅନୁପ ପାତ୍ର ଙ୍କ ସଭାପତିତ୍ୱରେ ୧୪ ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ଆଂଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ହେମନ୍ତ କୁମାର ଓଝା ସଭା ପରିଚାଳନା କରିଥିଲେ । ବୈଠକରେ ଓମ୍ଫେଡ୍ ତରଫରୁ ବିଶ୍ୱ ରଞ୍ଜନ ତ୍ରିପାଠୀ ଓ କୋରାପୁଟର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରି ରବି ନାରାୟଣ ପଣ୍ଡା, ସଂଘ୍ର ଜୁନିଅର ମେନେଜର କୁନି ରାଉତ, ପ୍ରକ୍ୟୁମେଂଟ ଅଧିକାରି କୃଷ୍ଣ ଚନ୍ଦ୍ର ସାହୁ, ଏକାଉଂଟାଂଟ ପ୍ରକାଶ ମିଶ୍ର ସହ ଅବିଭକ୍ତ କୋରାପୁଟ ଜିଲାର ପରିଚାଳନା ପରିଷଦର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଦୁଗ୍ଧ ବୃଦ୍ଧି ନିମନ୍ତେ ସଂଘ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଛି । ଦୁଗ୍ଧ ଚାଷୀ ମାନଙ୍କର ଦୁଗ୍ଧର ମୁଲ୍ୟ ବୃଦ୍ଧି ନିମନ୍ତେ ବିହିତ ପଦକ୍ଷେପ ନିଆଯାଉଛି, ଦୁଗ୍ଧ ସଂଗ୍ରହ ବୃଦ୍ଧି ନିମନ୍ତେ ଦୁଗ୍ଧ ଦୁଗ୍ଧ ସମବାୟ ସମିତି ମାନଙ୍କୁ ଓ ଦୁଗ୍ଧ ସଂଘର କାଯ୍ୟରତ କ୍ଷେତ୍ର ପରିଚାଳକ, ପରିଚାଳିକା ମାନଙ୍କୁ ପ୍ରତୋସହନ ରାଶି ପ୍ରଦାନ କରାଯିବ, ବନ୍ଦ ହୋଇ ଯାଇଥିବା ଦୁଗ୍ଧ ସମବାୟ ସମିତିର ପୁନଉଦ୍ଧାର କରାଯିବ ଓ ଅଧିକ ରୁ ଅଧିକ ସଂଖ୍ୟକ ଦୁଗ୍ଧ ଚାଷୀ ମାନଙ୍କୁ ସମିତି ସହ ଅନୁବନ୍ଧିତ କରାଯିବ, ସମିତି ଅଂଚଳର ଗୁଡିକରେ ଏଲିମାଲ ହେଲଥ କ୍ୟାମ୍ପ କରାଯିବ, ବାକି ଥିବା ବ୍ଲକ ଗୁଡିକରେ ଦୁଗ୍ଧ ସଂଘର କାଯ୍ୟ ପରିସରକୁ ବୃଦ୍ଧି କରାଯିବ, ଆସନ୍ତା ୨ରୁ ୩ ମାସ ଭିତରେ ଦୁଗ୍ଧ ସଂଗ୍ରହ ପରିମାଣ ୧୨ ହଜାରରୁ ୨୦ ହଜାରକୁ ବୃଦ୍ଧି କରାଯିବ ଓ ଆଗାମି ୫ ବର୍ଷ ଭିତରେ ଦୁଗ୍ଧ ସଂଘର ଦୁଗ୍ଧ ପରିମାଣ ୧ ଲକ୍ଷ ଲିଟରେ ପହଂଚାଇବାକୁ ଚେଷ୍ଟା କରାଯିବ ବୋଲି ସଭାପତି ଅନୁପ ପାତ୍ର ସୁଚନା ଦେଇଛନ୍ତି । ବତମାନ ସଂଘ ଅଧିନରେ ୩୧ଟି ସମିତି ଗଠନ କରି ଦୁଗ୍ଧ ଚାଷୀ ମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରାଯାଉଛି, ଦୁଗ୍ଧ ସଂଘ ଅଧିନରେ ବତମାନ ୨୪୦ଟି ଦୁଗ୍ଧ ସମବାୟ ସମିତି ରହିଛି, ଦୁଗ୍ଧ ସଂଘରେ ୧୧ ହଜାର ୭ ଶହ ୭୬ ଜଣ ଦୁଗ୍ଧ ଚାଷୀ ପଞ୍ଜିକରମ କରିଥିବା ବେଳେ ତନ୍ମ ମଧ୍ୟରୁ ୨ହଜାର ୩ ଶହ ଜଣ ଚାଷୀ ସଂଘକୁ ଦୁଗ୍ଧ ପ୍ରଦାନ କରୁଛନ୍ତି । ସଂଘ ଅଧିନରେ ୩୫ଟି ଦୁଗ୍ଧ ଶୀତଳିକରଣ କେନ୍ଦ୍ର ରହିଛି । ବତମାନ ୪ଟି ଜିଲାରୁ ଦୈନିକ ହାରା ହାରି ୧୨ ହଜାରରୁ ୧୫ ହଜାର ଲିଟର ଦୁଗ୍ଧ ସମବାୟ ସମିତି ଜରିଆରେ ସଂଗ୍ରହ କରି ଜୟପୁର ଠାରେ ଥିବା ଓମଫେଡ ଡେରୀକୁ ପ୍ରତ୍ୟେକ ଦିନ ମାଧ୍ୟମରେ ପ୍ରଦାନ କରୁଛି ଏବଂ ପ୍ରତି ୧୦ ଦିନରେ ଥରେ ଦୁଗ୍ଧ ଚାଷୀଙ୍କୁ ଦୁଗ୍ଧର ମୁଲ୍ୟ ବ୍ୟାଙ୍କ ଜମା ଖାତା ଜରିଆରେ ପ୍ରଦାନ କରାଯାଉଥିବା ସୁଚନା ଦିଆଯାଇଛି ।

## କୋକସରା ବ୍ଲକ କାର୍ଯ୍ୟାଳୟରେ ଭତ୍ତା ପରିଚୟପତ୍ର ବଂଟନ

ଭବାନୀପାଟଣା।୭ଡିସେମ୍ବର (ହି.ସ.)କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାର୍ଯ୍ୟାଳୟରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୧୧ ଟି ପଂଚାୟତର ମଧୁବାବୁ ପେନସନ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଭତା ପରିଚୟ ପତ୍ର ବଂଟନ କରାଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ଉତମ କୁମାର ବାଗ, ଡହଗାଁ ସରପଂଚ କୁଞ୍ଜଲତା ନାଏକ, କାଉଡୋଲା ସରପଂଚ ଦେବୀ ସିଂ ତାଣ୍ଡି, ଡାଲଗୁମା ସମିତିସଭ୍ୟ ଚିନ୍ତାମଣି ଚଣ୍ଡୀ, ଗମ୍ଭାରୀଗୁଡା ସରପଂଚ ଇଶରାମ ସୁନାମୀ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ ଭତା ପରିଚୟ ପତ୍ର ବଂଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବ୍ଲକର ୧୧ ଗୋଟି ପଂଚାୟତ ଯଥା ଆମପାଣି ପଂଚାୟତର ୩୧ ଜଣ,ବଡ଼ପୋଡ଼ାଗୁଡ଼ା ୫୨, ବରାଡଙ୍ଗା ୨୮, ଡହଗାଁ ୬୬, ଡାଲଗୁମା ୪୮, ଡୁଡୁକାଠେଙ୍ଗା ୫୩, ଗମ୍ଭାରୀଗୁଡା ୪୭, ଗୋତମୁଣ୍ଡା ୫୫, କନ୍ଧାବୁଟୁରା ୨୮, କାଶୀବାହାଲ ୪୭ ଜଣ ହିତାଧିକାରୀ ସମେତ କାଉଡୋଲା ପଂଚାୟତର ୩୧ ଜଣ ମିଶି ସମୁଦାୟ ୪୮୬ ଜଣ ନୂତନ ହିତାଧିକାରୀଙ୍କୁ ଭତା ପରିଚୟପତ୍ର ପ୍ରଦାନ କରାଯାଇଛି । ଏଥିରେ ୨୬୦ଜଣ ବାର୍ଦ୍ଧକ୍ୟ, ୧୯୫ଜଣ ବିଧବା, ୩୨ ଜଣ ଭିନ୍ନକ୍ଷମ କୁ ଭତା କାର୍ଡ ବଂଟନ କରାଯାଇଥିବା ସୂଚନା ମିଳିଛି ।କାର୍ଯ୍ୟକ୍ରମରେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ସୁନାନୀ, ରାଜେନ୍ଦ୍ର ସୋରି ,ଗିରୀସ ଚନ୍ଦ୍ର ନାଏକ, ରୋହିତ ଠାକୁର ସମେତ ସମସ୍ତ ପଂଚାୟତର ସରପଂଚ ପ୍ରମୁଖ ଉପସ୍ଥିତ ରହି ପରିଚୟ ପତ୍ର ବଂଟନରେ ସହଯୋଗ କରିଥିଲେ ।ସୂଚନା ଅନୁଯାୟୀ ,ବ୍ଲକର ୨୨ ଗୋଟି ପଂଚାୟତର ସମୁଦାୟ ୮୬୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।ବୁଧବାର ପ୍ରଥମ ପର୍ଯ୍ୟାୟରେ ଭତା ପରିଚୟ ପତ୍ର ବଂଟନ କରାଯାଇଥିବା ବେଳେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ଭତା ପରିଚୟ ପତ୍ର ବଂଟନ କରାଯିବା ନେଇ ସୂଚନା ମିଳିଛି।

## ତୁଷୁରା ଏୟାରଷ୍ଟ୍ରିପରୁ ବିମାନ ସେବା କେବେ ?

ବଲାଙ୍ଗିର, ୦୮/୧୧ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଂଚର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆଲୋଚନା ଆରମ୍ଭ କରି ସଭ୍ୟ ଡ. ରାଧାକାନ୍ତ ମିଶ୍ର ସୂଚନା ଦେଲେ ଯେ ଏପ୍ରିଲ ୨୦୧୬ ରେ ଏୟାର ଓଡିଶା ପକ୍ଷରୁ ଝାରସୁଗୁଡା, ରାଉରକେଲା ଓ ସମ୍ବଲପୁର ପରେ ପଶ୍ଚିମ ଓଡିଶାର ବଲାଙ୍ଗିର ଓ କଳାହାଣ୍ଡିକୁ ବିମାନ ସେବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ବଲାଙ୍ଗିରର ତୁଷୁରା ଓ କଳାହାଣ୍ଡିର ଉତ୍କେଲା ଏୟାରଷ୍ଟ୍ରିପ୍ ନିରୀକ୍ଷଣ କରିବା ପରେ ତଥା ବ୍ୟବସାୟିକ ଦିଗକୁ ଅନୁଧ୍ୟାନ କଲା ପରେ ଉଭୟ ଏହାରଷ୍ଟ୍ରିପ ଭଲ ସ୍ଥିତିରେ ଥିବା ଓ ସରକାରୀ ଅନୁମତି ମିଳିଲେ ମାସେ ମଧ୍ୟରେ ଏହି ଦୁଇ ଜିଲ୍ଲାକୁ ବିମାନ ସେବା ଆରମ୍ଭ କରିଦେବାକୁ ସେତେବେଳେ ଏୟାର ଓଡିଶା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଙ୍କ ଦ୍ୱାରା ୧୯୬୭ ମସିହାରେ ଉଦ୍‌ଘାଟିତ ହୋଇଥିବା ତୁଷୁରା (ବଡଗୋମୁଣ୍ଡା) ଏୟାରଷ୍ଟ୍ରିପ କୁ ବିଭିନ୍ନ ସମୟରେ ରାଜ୍ୟ ସରକାର ବ୍ୟବହାର କରି ଆସୁଛନ୍ତି । ଏବେ ଉତ୍କେଲା ଏୟାରଷ୍ଟ୍ରିପ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ରାଜ୍ୟ ସରକାର ଖୁବ୍ ଶିଘ୍ର ସେଠାରୁ ବିମାନସେବା ଆରମ୍ଭ କରିବା ଯୋଜନା କରିଛନ୍ତି । ଇତି ମଧ୍ୟରେ ଜୟପୁର ଏୟାରଷ୍ଟ୍ରିପ ମଧ୍ୟ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ଦଳିତ ଆଦିବାସୀ ଅଧ୍ୟୁଷିତ କେବିକେ ଜିଲ୍ଲା ବଲାଙ୍ଗିର ପାଇଁ କୌଣସି ରାଜନେତା ଚିନ୍ତା କରୁନାହାନ୍ତି। ଏ ନେଇ ମନ୍ତ୍ରୀ ଟୁକୁନି ସାହୁ ତଥା ଜିଲ୍ଲାର ଏମ୍.ପି., ଏମ୍.ଏଲ୍.ଏ ପ୍ରମୁଖ ରାଜ୍ୟ ସରକାରଙ୍କ ଠାରେ ଦୃଢ ଦାବି ଜଣାଇବେ ବୋଲି ଆଶା। ଅଧିବେଶନର ଦ୍ୱିତୀୟ ପ୍ରସ୍ତାବ ଆଗତ କରି ଉପ-ସଭାପତି ପ୍ରଶନ୍ନ ମିଶ୍ର ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଖୁବ୍ ଶିଘ୍ର ବଲାଙ୍ଗିର ରେ ଖୋଲିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ବୈଠକରେ ସଂପାଦକ ଗୋବିନ୍ଦ ମିଶ୍ର, ଦିବାକର ହୋତା, ଛବିଲାଲ ବେହେରା, ପୁରୁଷୋତମ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାଶ ତଥା ହରେକୃଷ୍ଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ କୃଷ୍ଣଚନ୍ଦ୍ର ମହାକୁର ଧନ୍ୟବାଦ ଦେଇଥିଲେ ।

## ନରସିଂହଙ୍କ ସାମ୍ବାଦିକ ସମ୍ମିଳନୀ : ଭୂମୀହିନଙ୍କୁ ଜମି ଓ ଘର ଶିଘ୍ର ଯୋଗାଉ ଜିଲ୍ଲା ପ୍ରଶାସନ

ବଲାଙ୍ଗିର, ୦୮/୧୧ (ନି.ପ୍ର): ମହାରାଣୀ ସାଗର, ଲକ୍ଷ୍ମୀଜୋର, ଟ୍ରକ ଟର୍ମିନାଲ, ରିଂ ରୋଡ, ବାଏପାସ୍ ଓ ଗନ୍ଧେଲ ଡ୍ୟାମ ସୌନ୍ଦର୍ଯ୍ୟିକରଣ ଭଳି ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ଆସି ପଡି ରହିଥିଲେ ହେଁ କେତେ ପ୍ରକଳ୍ପ ଆରମ୍ଭ ହୋଇ ନାହିଁ, ଯାହା କିଛି ଆରମ୍ଭ ହୋଇଛି ସେଥିରେ ସ୍ଥାନୀୟ ବିଜେଡି ରାଜନେତାମାନଙ୍କ ଚକ୍ରାନ୍ତ ତଥା ଷଡଯନ୍ତ୍ର ଯୋଗୁଁ ତାହ ମଧ ମନ୍ଥର ଗତିରେ ଚାଲିଛି । ଯୋଉଁ ରାଜପରିବାର ପୂର୍ବରୁ ଏଠାରେ ମନ୍ତ୍ରୀ ବିଧାୟକ ସାଂସଦ ଥିଲେ, ୨୦୧୪ ପରବର୍ତି ବଲାଙ୍ଗିର ବିକାଶ ଦେଖି ସେମାନେ ସହ୍ୟ କରି ପାରୁ ନାହାନ୍ତି । ଯଦି ବଲାଙ୍ଗିରର ଆହୁରି ବିକାଶ ହୁଏ ତେବେ, କାଳେ ଲୋକେ ତାଙ୍କୁ ଘୃଣା କରିବେ ତାହା ଭାବି ସେମାନେ ବ ର୍ତମାନ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ବାଟ ଓଗାଳୁଛନ୍ତି । ଏଭଳି ବିକାଶବିରୋଧି ନେତାଙ୍କୁ ବଲାଙ୍ଗିରବାସୀ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି ଆଜି ସ୍ଥାନୀୟ ସର୍କିଟହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ତାଙ୍କ ପ୍ରସ୍ତାବିତ ପ୍ରକଳ୍ପଗୁଡିକୁ ରାଜ୍ୟ ସରକାର ଅନୁମୋଦନ କରୁଛି । କିନ୍ତୁ ବଲାଙ୍ଗିରରେ ବିଜେଡି ରାଜନେତାମାନେ ସେହି ପ୍ରକଳ୍ପ ଗୁଡିକୁ ବିରୋଧ କରିବା ଦୁର୍ଭାଗ୍ୟଜନକ । ଯେତେବେଳେ ବିଧାନସଭାରେ ଜମି ଜବରଦଖଲ ବିଲ ଆସିଲା, ଏବଂ କୌଣସି ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଥଲେ, ଜବରଦଖଲକାରୀଙ୍କୁ ୭ବର୍ଷ ଜେଲ ସହିତ ଜରିମାନା ଦଣ୍ଡର ବ୍ୟବସ୍ଥା କରାଯାଇଥିଲା । ସେହି ବିଲ୍ କୁ ବିଧାନସଭାରେ କେବଳ ବଲାଙ୍ଗିର ବିଧାୟକ ହିଁ ବିରୋଧ କରିବା ସହ ସେଥିରେ ଜେଲ ଜରିମାନାରୁ ଭୂମୀହିନ ଗରିବଙ୍କୁ ବାଦ୍ ଦେବା ପାଇଁ ଦାବି କରିଥିଲେ। ସେ ସୁଚେଇ ଥିଲେ ଯେ, ମାନ୍ୟବର ସୁପ୍ରିମକୋର୍ଟଙ୍କ ମଧ ନିର୍ଦ୍ଦେଶ ଅଛି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ଲୋକଙ୍କ ବଂଚିବାର ଅଧିକାର ରହିଛି । ଏବଂ ବଂଚିବାର ପାଇଁ ରୋଜଗାର ଆବଶ୍ୟକ । ଏହି ମର୍ମରେ କିଛି ଲୋକ ଗାଁରୁ ଆସି ସହରରେ ଜବରଦଖଲରେ ରହି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ସେଭଳି ଭୁମୀହିନ, ବାସହୀନ ଗରିବମାନଙ୍କ ପାଇଁ ଏହି ବିଲ୍ ରେ ସଂଶୋଧନ ଅଣାଯାଉ ଏବଂ ସେମାନଙ୍କୁ ବିନା ମୁଲ୍ୟରେ ଘର ଓ ଜମି ଯୋଗାଇ ଦିଆଯାଉ ବୋଲି ଏକା ବଲାଙ୍ଗିର ବିଧାୟକ ହିଁ ଦାବୀ କରିଥିଲେ । ଯେଉଁଥିରେ କି ତହାଳୀନ ନ ରାଜସ୍ୱ ମନ୍ତ୍ରୀ ତଥା କିଛି ବିଜେଡି ବିଧାୟକ ମଧ ଏଥିରେ ରାଜି ହୋଇଥିଲେ ଓ ଏହି ବିଲ୍ କୁ ସଂଶୋଧନ କରା ଯାଇ ଥିଲା । କିନ୍ତୁ ରାତା ରାତି ତୃତୀୟ ମାହଲା ଚାପରେ ସରକାର ସଂଶୋଧନକୁ ଫେରାଇ ନେଇ ଯାଇଥିଲେ । ସେ ସମୟରେ ବଲାଙ୍ଗିର ର ଏହି ପୂର୍ବତନ ମନ୍ତ୍ରୀ ନେତାମାନେ କଣ କରୁଥିଲେ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ବିଜେଡି ତରଫରୁ କିଛି ଦିନ ପୂର୍ବରୁ କରାଯାଇଥିବା ସାମ୍ବାଦିକ ସମ୍ମିଳନୀର ପ୍ରସଙ୍ଗ ଉପରେ ହୋଇଥିବା ପ୍ରଶ୍ନରେ ଶ୍ରୀ ମିଶ୍ର କହିଥିଲେ, ବଲାଙ୍ଗିର ରାଜ ପରିବାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ୪ ହଜାର କୋଟି ଟଙ୍କାର ଜମି ଦୁର୍ନିତିରେ ରାଜ ପରିବାର ଲିପ୍ତ ଅଛନ୍ତି । ଏହି ଜମି ଦୁର୍ନିତିକୁ ନେଇ ପିଏସି ତଦନ୍ତ ଆରମ୍ଭ କରି ସାରିଛି । ଆଗରୁ ଅନେକ ଅଭିଯୋଗ ଥିଲେ ହେଁ ରାଜ୍ୟ ର ବିଜେଡି ସରକାର ଏମାନଙ୍କଲ ବିରୋଧ ରେ ପଦକ୍ଷେପ ନେଉ ନାହିଁ । କିନ୍ତୁ ପିଏସି ତାଙ୍କ ଦଳର ନୁହେଁ । ଠିକ ତଦନ୍ତ ହେଲେ ଏମାନଙ୍କ ଜମି ଦୁର୍ନିତି ବିରୁଦ୍ଧରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହା ସହ ସେ ଏହି କେଳେଙ୍କାରୀରେ ରାଜ ପରିବାର ତରଫରୁ ବହୁ ପୁର୍ବରୁ ଦାଖଲ ହୋଇଥିବା ଜମି ନଥିପତ୍ର ବଲାଙ୍ଗିର ତହସିଲରୁ ତତକାଳିନ ତହସିଲଦାରଙ୍କୁ ଏକ କୋଟି ଟଙ୍କା ଲାଂଚ ଦେଇ ଏସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଚୋରି କରାଯାଇଥିବା ଶୁଣା ଯାଉଛି ବୋଲି କହିଥିଲେ । ସହର ମଧ୍ୟରେ ଚାରିଶହ ଏକର ଜମି ଘରବାରି ହେବା ରାଜ ପରିବାରର ଜମି କେଳେଙ୍କାରିକୁ ସ୍ୱତଃ ପ୍ରମାଣିତ କରୁଛି । ସାମ୍ବାଦିକ ସମ୍ମିଳନୀରେ ଧାନ କିଣା ଅବ୍ୟବସ୍ଥାର ପ୍ରଶ୍ନର ଉତରେ ଶ୍ରୀ ମିଶ୍ର , ସରକାରୀ ଆଇନ ଅନୁ ?।ଯାୟୀ ମଣ୍ଡରେ ମିଲ ମାଲିକ କଦାପି ରହି ପାରିବ ନାହିଁ ବୋଲି କହିଥିଲେ । ବିନା କଟନି ଛଟନିରେ ଧାନ କ୍ୱିନ୍ଟାଲ ପିଛା ଚାଷୀକୁ ୨୦୪୦ ଟଙ୍କା ଦିଆଯାଉ । ତାସହ ସେ ଦାବି କରିଥିଲେ ଯେ, ସ୍ୱାମିନାଥନ କମିଟି ସୁପାରିଶ ମୁତାବକ ଆମ ଚାଷୀଙ୍କୁ କ୍ୱିନ୍ଟାଲ ପିଛା ଅମଳ ଖର୍ଚ୍ଚର ଦେଢ ଗୁଣା ସହାୟକ ମୁଲ୍ୟ ଭାବେ ଦିଆଯାଉ ବୋଲି ସେ ଦାବି କରିଥିଲେ । ସେହିପରି କୃଷୀବିମା ସମସା, ଚାଷୀବିମା ସମସ୍ୟା ଓ ଦାଦନ ସମସ୍ୟାରେ ସେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଥିଲେ । ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପାଇଁ ୫ଶହ କୋଟି ଟଙ୍କା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀ ପତ୍ର ଦିଆ ସରିଛି ବୋଲି ସୁଚନା ଦେଇଥିଲେ । ଆଜିର ଏହି ସମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର , ଜିଲ୍ଲା କିଷାନ କଂଗ୍ରେସ ସଭାପତିସାନନ୍ଦ ମିଶ୍ର, ଜିଲ୍ଲା ମହିଳା ସବାନେତ୍ରୀ ମିଲନୀ ସାହୁ, ବିଧାୟକ ପୌର ନୋମିନୀ ଅଜୟ ବାଲୀ ମଂଚସୀନ ଥିଲେ ।

## ୬୦ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ୬୦ ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଭାରତର ମହାମହିମ ରାଷ୍ଟ୍ରପତି, ଓଡିଶାର ରାଜ୍ୟପାଳ ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ହୋମଗାର୍ଡ ଡିଜିଙ୍କର ବାର୍ତା ଏସ୍‌ପି ପଢି ଉପସ୍ଥିତ ଥିବା ହୋମଗାର୍ଡ ମାନଙ୍କୁ ଶୁଣାଇ ଥିଲେ । ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ହୋମଗାର୍ଡ ମାନେ ପ୍ୟାରେଡ ରେ ଅଂଶ ଗ୍ରହଣ କରିଥିଲେ । ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ଅଭିବାଦନ ଗ୍ରହଣ କରିଥିଲେ । ବନ୍ୟା, ବାତ୍ୟା, ମରୁଡି, ମହାମାରୀ ପ୍ରଭୃତି ସମୟରେ ସ୍ୱଳ୍ପ ଦରମାରେ ହୋମଗାର୍ଡ ମାନେ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉଛନ୍ତି । ଏହି ପ୍ରତିଷ୍ଠା ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରିଶ ପାଣ୍ଡେ, କେନ୍ଦ୍ରାପଡା ଏସଡିପିଓ ଜୟନ୍ତ ମହାପାତ୍ର, ଡିଏସ୍‌ପି କାର୍ତ୍ତିକ ମଲିକ, ଆରଆଇ ହେମନ୍ତ କୁମାର ଦାସ, ସଦର ଥାନା ଆଇଆଇସି ପ୍ରମୋଦ କୁମାର ମହାରଣା, କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବେଶ ପଣ୍ଡା ନିଖୋଜ ଘଟଣା : ମୁଖୀଗୁଡାରୁ ବାଇକ ଜବତ କଲା ପୁଲିସ

ମୁଖୀଗୁଡା, ୦୮/୧୧ (ନି.ପ୍ର): ଜୟପାଟଣା ଥାନା ଅନ୍ତର୍ଗତ ଚୁରାଗାଁର ଦେବେଶ ରଂଜନ ପଣ୍ଡା ନିଖୋଜ ହେବାର ଚାରି ଦିନ ବିତିଯାଇଥିଲେ ହେଁ ତାଙ୍କ ସନ୍ଧାନ ମିଳି ପାରି ନାହିଁ । ବିକେଏସ କମ୍ପାନୀ ରେ ସୁପରଭାଇଜର ଭାବେ କାମକରୁଥିବା ଦେବେଶ ରଂଜନ ପଣ୍ଡା(୩୨) ଶୁକ୍ରବାର ଜୟପାଟଣା ସ୍ଥିତ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ନିଜ ଘରକୁ ଫେରି ନଥିଲେ । ରାତି ୮ଟା ପରେ ପରିବାର ଲୋକେ ଫୋନ ଯୋଗେ ଯୋଗାଯୋଗ କରିବାରୁ ଫୋନ ସୁଇଚ ଅଫ ରହିଥିଲା । ସୋମବାର ସକାଳ ସୁଦ୍ଧା ଦେବେଶ ନଫେରିବାରୁ ସୋମବାର ଜୟପାଟଣା ଥାନାରେ ତାଙ୍କ ବଡ ବାପା ପ୍ରାଥମିକ ସୂଚନା ଦେଇଥିଲେ । ସେହି ରାତିରେ ଦେବେଶ ର ମୋଟେର ସାଇକେଲ ମୁଖୀଗୁଡା ସାଇ ଡାଇଗ୍ନଷ୍ଟିକ ସେଣ୍ଟର ର ମାଲିକ ପାଖରେ ବନ୍ଧା ପକାଇ ଥିବାସମ୍ପର୍କରେ ସୂଚନା ମିଳିବା ପରେ ଦେବେଶ ର ମୋଟର ସାଇକେଲ କୁ ପୋଲିସ ଉଦ୍ଧାର କରିଥିଲା । ଦେବେଶ ର ମୋଟେର ସାଇକେଲକୁ ଦେବେଶ ଅଧୀନରେ କାମ କରୁଥିବା କଲେକ୍ସନ ଏଜେଣ୍ଟ ଭୁଙ୍ଗରାଜ ୨୫ହଜାର ଟଙ୍କାରେ ବନ୍ଧା ପକାଇ ଦେଇଥିଲା ।ତେବେ ଦେବେଶର ମୋଟର ସାଇକେଲ ଭୁଙ୍ଗରାଜ ବନ୍ଧା ପକେଇ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ମିଳିଥିବା ସୂଚନା ଅନୁସାରେ ବିଦ୍ୟୁତ ବିଲ ର ଆଦାୟ ଲକ୍ଷକ୍ଷଧିକ ଟଙ୍କା କଲେକ୍ସନ ଏଜେଣ୍ଟ ଭୁଙ୍ଗରାଜ ଏବଂ ବୈକୁଣ୍ଠ ଦେବେଶ ନିକଟରେ ଜମା କରିବା କଥା ହେଲେ ସେମାନେ ଟଙ୍କା ଜମା କରୁ ନଥିବାରୁ ଦେବେଶ କୁ ଉପରିସ୍ଥ ଅଧିକାରୀ ଚାପ ପକାଉ ଥିଲେ ଏନେଇ ଦେବେଶ କୁ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନେବାକୁ କୁଆଡେ ଧମକ ଦିଆଯାଉ ଥିଲା ଫଳରେ ସେମାନସିକ ନିର୍ଯ୍ୟାତନାର ଶିକାର ହେଇଥିବା ଦେବେଶର ନିକଟତମ ମହଲରୁ ଜଣାଯାଇଛି । ଏନେଇ ଦେବେଶ କୋଉଠି ଭୟରେ କୋଉଁଠାରେ ଲୁଚିରହିଥିବା ସନ୍ଦେହ କରାଯାଉଛି ।ତେବେ କୌଣସିଅଘଟଣ କୁ ମଧ୍ୟ ଏଡାଇ ଦିଆଯାଇନପାରେ । ଏନେଇ ଜୟପାଟଣା ଥାନା ଆଇଆଇସି ଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଥିଲେ ।

## ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): କେନ୍ଦ୍ରାପଡାର ବିକାଶ ପୁରୁଷ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ "ସୁସ୍ଥ ସମାଜ ଗଠନରେ ଆଇନ ସଚେତନତାର ଆବଶ୍ୟକତା" ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ଅଧକ୍ଷ ତଥା ଅର୍ବାନ ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପୂର୍ବତନ ଜିଲ୍ଲା ଜଜ କୁଞ୍ଜବିହାରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀର୍ଘ ବର୍ଷ ତଳେ ଯେଉଁ ଆଇନ ଥିଲା ଏବେ ମାମଲା ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇବାରୁ ସେହି ଆଇନ ସଠିକ ଭାବରେ ଚାଲିପାରୁନି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ସଠିକ ପରିଚାଳନାର ଅଭାବରୁ ଆଇନ ବ୍ୟବସ୍ଥା ଭୁଷୁଡି ପଡୁଛି ଓ ବାରମ୍ବାର ଆଇନ ପରିବ ର୍ନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଅତିଥି ଭାବେ ଯୋଗଦେଇ ବିନା ଆଲୋଚନାରେ ଆଇନ ପାରିତ ହେଉଥିବାରୁ ସେହି ଆଇନ ଦିଗହରା ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ ଓ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟର ସଦସ୍ୟ ଫକିର ଚରଣ ଖଟୁଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶରତ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବର୍ଣ୍ଣପୁରରେ ମହିଳା ହିଂସା ନିରାକରଣ ପକ୍ଷ ପାଳନ

ସୁବର୍ଣ୍ଣପୁର , ୦୮/୧୧ (ନି.ପ୍ର): ଆଜି ସୋନପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସଖୀ ଅନୁଷ୍ଠାନ ଆନୁକୁଲ୍ୟରେ ମହିଳା ହିଂସା ନିରାକରଣ ପକ୍ଷ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପୀଡିତା ମହିଳା ତଥା ବାଳିକା ମାନଙ୍କୁ ପୋଲିସ, ଡାକ୍ତରି, ଆଇନ୍ ଗତ, ମନସ୍ତାତ୍ୱିକ ଓ ସାମାଜିକ ଇତ୍ୟାଦି ସମନ୍ୱିତ ସେବା ଯୋଗାଇଦେବା ପାଇଁ ଏକ କୈନ୍ଦ୍ରିକ ଅନୁଷ୍ଠାନ ହିସାବରେ ସଖୀ ସଫଳତା ର ସହିତ ଉଦ୍ୟମ ଜାରି ରଖିଛି । ମହିଳା ହିଂସା ନିରାକରଣ ପକ୍ଷ ପାଳନ ଅବସରରେ ମହିଳା ମାନେ ସମାଜରେ ବିଭିନ୍ନ ହିଂସା ବିରୁଦ୍ଧରେ ନିର୍ଭୟ ଭାବରେ ସ୍ୱର ଉତୋଳନ କରିବା ପାଇଁ ସେମାନଙ୍କୁ ସାହସ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ୍ ମିଞ୍ଜ୍ , ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ରମେଶ ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାଶ ଏବଂ ମୁଖ୍ୟ ବକ୍ତା ଭାବରେ ରେଆର ସଭାପତି ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡା ଯୋଗଦେଇ ଥିଲେ ଓ ପ୍ରାରମ୍ଭରେ ସଖୀ ର ପ୍ରଶାସିକା ରାଜଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ଦେବା ସହିତ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅତିଥି ଏବଂ ବକ୍ତା ମାନେ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ମହିଳା ମାନେ କିପରି ଭାବରେ ବିଭିନ୍ନ ହିଂସା ର ଶିକାର ହେଉଛନ୍ତି ଏବଂ ଏହାର ସମାଧାନ ର ସରଳ ଉପାୟ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ପଣ୍ଡା କର୍ମ କ୍ଷେତ୍ରରେ ମହିଳାମାନେ ସାମନା କରୁଥିବା ଯୌନ ନିର୍ଯାତନା ର ବିଭିନ୍ନ ଦିଗ ଓ ଏହାର ଆଇନଗତ ସହାୟତା କିଭଳି ମିଳିପାରିବ ସେ ସମ୍ପର୍କରେ ନିଜର ଅଭିଜ୍ଞତାରୁ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ । ଆଜିକାର ଏହି ସଭାରେ ସମସ୍ତ ବ୍ଲକ୍ ର ସିଡିପିଓ, ସୁପରଭାଇଜର , ଆକ୍ସନ ଏଡ୍ ର ଜିଲ୍ଲା ସଂଯୋଜକ ରାକେଶ ପଧାନ, ଜିଲ୍ଲା ପରିଷଦ ଏପିଡି ଶୈବାଳିନି ପଟ୍ଟନାୟକ ,ଶିଶୁ ସୁରକ୍ଷା ପରିଷଦ ର ଆଇନ ପରାମର୍ଶଦାତା କେଶବ ମେହେର, ସିଡବ୍ଲୁସି ସଭ୍ୟ ରଞ୍ଜିତା ସାହୁ , ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର ମହିଳା କର୍ମକର୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ସଖୀ ଅନୁଷ୍ଠାନ ର ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସହାୟତା ପ୍ରଦାନ କରିଥିଲେ ।



# ମୃତ୍ୟୁପରେ ଆପଣ କେଉଁ ରୂପରେ ନେବେ ପରଜନ୍ମ ? ଗରୁଡ ପୁରାଣରେ କୁହାଯାଇଛି ଏହି ରହସ୍ୟ

**ସନାତନ ଧର୍ମରେ ଜନ୍ମ-ଜନ୍ମାନ୍ତର କଥା କୁହାଯାଇଥାଏ । ଏଥିସହିତ ଏହି ଧର୍ମରେ ଅନେକ ଶାସ୍ତ୍ର, ପୁରାଣ ଅଦି ରହିଛି । ଯେଉଁଥିରେ ଜୀବନର ଅନେକ ରହସ୍ୟ ବିଷୟରେ ଉଲ୍ଲେଖ କରାଯାଇଛି । ତେବେ ଏହି ଶାସ୍ତ୍ର ମାନଙ୍କ ମଧ୍ୟରୁ ଗୋଟିଏ ଶାସ୍ତ୍ର ହେଉଛି ଗରୁଡ ପୁରାଣ । ଏହି ପୁରାଣରେ ଜଣେ ବ୍ୟକ୍ତିର ମୃତ୍ୟୁ ପରେ ସେ କେଉଁ ରୂପରେ ପୁଣି ଜନ୍ମ ନେବ ସେ ବିଷୟରେ ଉଲ୍ଲେଖ ଅଛି । ତେବେ ଏହି ପବିତ୍ର ପୁରାଣ ଅନୁସାରେ ମଣିଷ ଏହି ଜନ୍ମରେ ଯେଉଁଭଳି କର୍ମ କରିଥିବ ତାର ଆର ଜନ୍ମ ସେହିଭଳି ହେବ ବୋଲି ଉଲ୍ଲେଖ ଅଛି । ବର୍ତ୍ତମାନ ଆସନ୍ତୁ ଜାଣିବା ମଣିଷ ମୃତ୍ୟୁପରେ ଆର ଜନ୍ମରେ କେଉଁ ରୂପ ଧାରଣ କରିବ ।**

ଏହି ଲୋକ ପାଆନ୍ତି ପଶୁ ଜନ୍ମ: ଗରୁଡ ପୁରାଣ ଅନୁଯାୟୀ, ଯେଉଁ ଲୋକମାନେ ଏ ଜନ୍ମରେ ପଶୁ ଶିକାର କରିଥାନ୍ତି କିମ୍ବା ନିରିହ ପଶୁମାନଙ୍କୁ ହତ୍ୟା କରିଥାନ୍ତି , ସେମାନେ ଆର ଜନ୍ମରେ ପଶୁ ଜନ୍ମ ପାଇଥାନ୍ତି । ଏଥିସହିତ ସେମାନଙ୍କ ମୃତ୍ୟୁ କୌଣସି ଏକ କଂସାଇ ହାତରେ ହୋଇଥାଏ ।


ଏହି ଲୋକମାନେ ପାଆନ୍ତି ସ୍ତ୍ରୀ ଜନ୍ମ: ଯେଉଁ ପୁରୁଷମାନେ ଏ ଜନ୍ମରେ ସ୍ତ୍ରୀ ଲୋକଙ୍କ ପରି ପୋଷାକ ପିନ୍ଧିଥାନ୍ତି କିମ୍ବା ସେହିପରି ଆଚରଣ କରନ୍ତି ସେମାନେ ପରବର୍ତ୍ତୀ ଜନ୍ମରେ ସ୍ତ୍ରୀ ଜନ୍ମ ପାଇଥାନ୍ତି । ତେବେ ଖାସ କରି ଏହି ଜନ୍ମରେ କିନର ଜନ୍ମ ଗ୍ରହଣ କରିଥିବା ଲୋକେ ଆର ଜନ୍ମରେ ସ୍ତ୍ରୀ ରୂପରେ ଜନ୍ମ ହୋଇଥାନ୍ତି ବୋଲି ଗରୁଡ ପୁରାଣରେ ଉଲ୍ଲେଖ ରହିଛି ।

ଏହି ଲୋକମାନେ ପାଆନ୍ତି ନପୁଂସକ ଜନ୍ମ: ଗରୁଡ ଶାସ୍ତ୍ର ଅନୁସାରେ ଯେଉଁ ପୁରୁଷମାନେ ଏହି ଜନ୍ମରେ କୈଣସି ମହିଳାଙ୍କୁ ଯୌନ ଶୋଷଣ କରିଥାନ୍ତି କିମ୍ବା ସେମାନଙ୍କ ସହ ଅବୈଧ ସମ୍ପର୍କ ସ୍ଥାପନ କରିଥାନ୍ତି ସେମାନେ ଆର ଜନ୍ମରେ ନପୁଂସକ ଭାବେ ଜନ୍ମ ହୋଇଥାନ୍ତି । ଏଥିସହିତ ଯେଉଁ ପୁରୁଷମାନେ ମହିଳାମାନଙ୍କୁ ନିର୍ଯାତନା ଦେଇଥାନ୍ତି ସେମାନେ ଆର ଜନ୍ମରେ ଅନେକ ଦୁଃଖ ପାଇଥାନ୍ତି ।

ପେଚା ଜନ୍ମ ପାଆନ୍ତି ଏହି ଲୋକ: ଯେଉଁ ବ୍ୟକ୍ତି ଅନ୍ୟ ସହ ଛଳନା, ହିଂସା , ପ୍ରତାରଣା ଏବଂ ଧୋକା ଆଦି ଦେଇଥାଏ ସେମାନେ ପରବର୍ତ୍ତୀ ଜନ୍ମରେ ପେଚା ହୋଇ ଜନ୍ମ ହୋଇଥାନ୍ତି । ସେହିପରି ମିଛ କଥା କହି ଅନ୍ୟକୁ ଫଶାଉଥିବା ବ୍ୟକ୍ତି ଆର ଜନ୍ମରେ ଅନ୍ଧ ହୋଇ ଜନ୍ମ ହୋଇଥାନ୍ତି ।

ଅନେକ ସମସ୍ୟା ଦେଇ ଗତି କରନ୍ତି ଏହି ବ୍ୟକ୍ତି; ଯେଉଁ ବ୍ୟକ୍ତିମାନେ ସେମାନଙ୍କ ଜୀବନରେ ବୟସ୍କ କିମ୍ବା ନିଜର ଶିକ୍ଷକଙ୍କ ସହ ଖରାପ ବ୍ୟବହାର କରିଥାନ୍ତି ସେମାନେ ଆର ଜନ୍ମରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ।

# କଟନ୍ କପଡ଼ା ପରଖିବେ କେମିତି ?



ବଜାରରୁ ଶୁଦ୍ଧ ସୂତାକପଡ଼ା କିଣିବା ସମୟରେ କପଡ଼ାକୁ ସ୍ପର୍ଶ କରି ଅନୁମାନରେ କିଣିବାକୁ ପଡ଼ିଥାଏ । ଜଣାପଡ଼େ ନାହିଁ ଏହା ଅସଲ କଟନ୍ କି ନାହିଁ । ବେଳେ କଟନ ସହ ମିଶା କପଡ଼ା ମଧ ଆସିଥାଏ ଯାହା ଜଣାପଡ଼େ ନାହିଁ ଓ କପଡ଼ାର ଗୁଣ ହ୍ରାସ ପାଇଥାଏ । ତେବେ ଅସଲ କଟନ୍ କପଡ଼ା କିପରି ଜାଣିବେ ତାହା ଜାଣନ୍ତୁ । ପ୍ରଥମତଃ କପଡ଼ା କିଣିବା ସମୟରେ କପଡ଼ାକୁ ଭଲ ଭାବରେ ସ୍ପର୍ଶ କରନ୍ତୁ ଓ ଗୋଟେ କୋଣରୁ ଟିକିଏ କାଟନ୍ତୁ, ଯଦି କପଡ଼ାଟି ସହଜରେ କଟିଗଲା ତାହେଲେ ଜାଣିବେ ଏହା ଶୁଦ୍ଧ ସୂତାକପଡ଼ା । ସେହି କଟା ଖଣ୍ଡକୁ ନିଆଁରେ ପୋଡ଼ନ୍ତୁ, ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି ଶୁଦ୍ଧ ସୂତା କପଡ଼ା ହୋଇଥାଏ ତେବେ ଏହା ଆରାମରେ ଜଳିଯିବ । ଜଳିବା ସମୟରେ ଯଦି କପଡ଼ାରେ ଗଣ୍ଠି ପଡ଼େ ତାହେଲେ ସେଥିରେ ମିଶା କପଡ଼ା ଥାଏ ବୋଲି କୁହାଯାଏ । କଟନ ସୂତା କପଡ଼ା ତୁରନ୍ତୁ ଜଳିକତ ଧ୍ୱଂସ ହୋଇଯାଏ କିନ୍ତୁ ମିଶା କପଡ଼ା ଜଳିବା ସମୟରେ ଗଣ୍ଠି ହୋଇ ରହିଯାଏ । ସୂତା କପଡ଼ାକୁ ମଧ ଲାବ୍ରୋଟୋରୀରେ ପରୀକ୍ଷଣ କରାଯାଇପାରିବ ।

# ରବିବାର ଆମିଷ କିଣିଲେ ଜୋରିମାନା !



ରବିବାର ହେଉଛି ଛୁଟିଦିନ, ଏଣୁ ଅଧିକାଂଶ ଏଇ ଛୁଟିଦିନରେ ଆମିଷ ରନ୍ଧା ପସନ୍ଦ କରନ୍ତି । ପାଠକେ ବନ୍ଧୁ ଜାଣିଛନ୍ତି କି, ରବିବାରରେ ଆମିଷ କିଣିଲେ ବି ଜୋରିମାନା ଦେବାକୁ ପଡ଼ିବ । ଅବିଶ୍ୱାସ ହେଉଥିଲେ ମଧ କଥାଟି ସତ, ଆମେରିକାର ଓ୍ୱାଶିଂଟନ୍‌ରେ ଏହି ନିୟମ କାର୍ଯ୍ୟକାରୀ ହୋଇଆସୁଛି । ଏବେ ମଧ ପୁଲିସ୍‌ର ଦୃଷ୍ଟିକୁ ଆସିଲେ, ଆମିଷ ନେଉଥିବା ବ୍ୟକ୍ତିକୁ ଦେବାକୁ ପଡ଼େ ଜୋରିମାନା । ଆଜିକାଲିର ଅନ୍-ଲାଇନ୍ ଯୁଗରେ ଲୋକେ ପୂର୍ବରୁ ବରାଦ୍ କରିଦେଉଛନ୍ତି । ୧୯୮୦ ବେଳକୁ ସେଠା ଟେଲିଭିଜନ ବିଜ୍ଞାପନରେ ଦର୍ଶକଙ୍କୁ ବାରମ୍ବାର ସତର୍କ କରାଯାଉଥିଲା, ରବିବାରରେ ଆମିଷ କିଣିବା ମନା । ଏହା ପଛର କାରଣ ଜଣାପଡ଼ିନାହିଁ, କିନ୍ତୁ ୧୮୦୦ ଶତାବ୍ଦୀବେଳକୁ ତତ୍କାଳୀନ ମେୟର୍ ଏହି ନିୟମ ପ୍ରଣୟନ କରିଥିଲେ । ଗତ କିଛି ବର୍ଷ ମଧ୍ୟରେ ଏହି ନିୟମକୁ ନେଇ ପୁଲିସ୍ ସେଭଳି କଡ଼ାକଡ଼ି ପଦକ୍ଷେପ ନେଉନାହିଁ । ୧୯୮୦ ବେଳକୁ ରବିବାରେ ଆମିଷ କିଣୁଥିବା ଲୋକେ ଧରାପଡ଼ିଲେ ସେମାନଙ୍କୁ ଆମିଷ ମୂଲ୍ୟର ୫ ଗୁଣ ରାଶି ଜୋରିମାନା ଭାବେ ଦେବାକୁ ପଡୁଥିଲା ।

# କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍‌ଓ କେଶକୁ କ୍ଲୋଜିଙ୍ଗ, ଟୋନିଙ୍ଗ ଓ ମଇଷ୍ଟରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଶେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।

# ମଧୁମେହ ରୋଗୀଙ୍କ ନିମନ୍ତେ ଖାଦ୍ୟ

**ମଧୁମେହ ରୋଗରୁ ରକ୍ଷା ପାଇବା ନିମନ୍ତେ ନିଜ ଖାଦ୍ୟ ତାଲିକାରେ ପରିବର୍ତ୍ତନ କଲେ ସୁଫଳ ମିଳେ ବୋଲି ନିକଟରେ ଅଷ୍ଟ୍ରେଲିଆର ଏକ ଗବେଷକଦଳ ତଥ୍ୟ ଉପସ୍ଥାପନ କରିଛନ୍ତି । ବିଭିନ୍ନ ବର୍ଗର ଓ ବୟସର ଲୋକଙ୍କ ଉପରେ ସେମାନେ ଏହି ପରୀକ୍ଷା କରି ସଫଳ ହୋଇଛନ୍ତି ।**



- ଅଲିଭ ତେଲ ରାନ୍ଧିବାପାଇଁ ବ୍ୟବହାର କଲେ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ହେବା ସହ ମଧୁମେହର ଆକ୍ରାନ୍ତ ହେବାରୁ ରକ୍ଷା କରିଥାଏ । ହୃଦରୋଗୀଙ୍କ ପାଇଁ ମଧ୍ୟ ଏହି ତେଲ ଉତ୍ତମ ।
- ଶୁଦ୍ଧ ହଳଦୀ ଗୁଣ୍ଡକୁ ତରକାରୀ ଓ ଅନ୍ୟାନ୍ୟ ଭଜାଭଜିରେ ବ୍ୟବହାର କରିବା ଆବଶ୍ୟକ । ହଳଦି ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ ।
- ଗବେଷକଙ୍କ ମତରେ ଦୈନିକ ୧ ଗ୍ରାମ୍ ଡାଲଚିନି ଖାଇଲେ ରକ୍ତରେ ଟ୍ରାଇଗ୍ଲିସରାଏଡ, ଏଲଡିଏଲ କୋଲେଷ୍ଟରଲ ହ୍ରାସ ପାଇବା ଦ୍ୱାରା ମଧୁମେହର ଆଶଙ୍କା ମଧ୍ୟ କମିଥାଏ ।
- ଓଟମିଲ ନିୟମିତ ଖାଇବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଭଲ । ଏହା ରକ୍ତର ଶର୍କରାକୁ ନିୟନ୍ତ୍ରଣ କରିଥାଏ ।
- ବ୍ରୋକୋଲିକୁ ସିଝାଇ ନଚେତ୍ ସୁପରେ ଅଥବା ଭାଜି କରି ଖାଇଲେ ଏଥିରେ ସଲଫରୋନ୍ ନାମକ ଉପାଦାନ ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରେ ।
- ଭୋଜନ କରିବା ପୂର୍ବରୁ ଇସବଗୁଲ ପାଣି ପିଇଲେ ମଧ୍ୟ ମଧୁମେହ ବିରୋଧୀ ଭାବେ କାର୍ଯ୍ୟ କରେ ।
- ମାଛରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଶରୀରର ଓଜନକୁ କମ୍ କରିବା ସହ ମଧୁମେହ ବିରୋଧରେ ମଧ୍ୟ କାମ କରେ ।
- ଡାର୍କ ଚକୋଲେଟ୍, ପାଳଙ୍ଗ ଶାଗକୁ ନିୟମିତ ଖାଇବା ଦ୍ୱାରା ମଧ୍ୟ ଲାଭ ମିଳେ ।



# ଶରୀର ନିମନ୍ତେ ଜରୁରୀ ଭିଟାମିନ୍



ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ବାହାର କରି ସନ୍ତୁଳିତ ଆହାର ଗ୍ରହଣ କରିବା ମହିଳାଙ୍କ କ୍ଷେତ୍ରରେ ଅଧିକାଂଶ ସମୟରେ ସମ୍ଭବ ହୋଇପାରି ନଥାଏ । ମହିଳାମାନେ ଗ୍ରହଣ କରୁଥିବା କେତେକ ଖାଦ୍ୟରେ ପ୍ରଚୁର ଭିଟାମିନ୍ ଥିବାବେଳେ ଆଉ କେତେକରେ ଅଳ୍ପ ପରିମାଣ ଭିଟାମିନ୍ ରହିଥାଏ । ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଆସନ୍ତୁ ଜାଣିବା, କେଉଁ ଖାଦ୍ୟ ମହିଳାଙ୍କୁ ସଂପୂର୍ଣ୍ଣ ଭିଟାମିନ୍

### ଭିଟାମିନ୍ -ଏ

ଭିଟାମିନ୍ -ଏରେ ଆଣ୍ଟିଆକ୍ସିଡେଣ୍ଟ ଗୁଣ ବେଶୀ ପରିମାଣରେ ଥାଏ, ଯାହାର ଆବଶ୍ୟକତା ପ୍ରତ୍ୟେକ ମହିଳାଙ୍କ ପାଇଁ ଦରକାର । ଏହି ଭିଟାମିନ୍ ଦାନ୍ତ, ହାଡ଼, ଟିସୁ୍ୟ ଓ ତ୍ୱଚା ଆଦି ପାଇଁ ଆବଶ୍ୟକ ହୋଇଥାଏ । ଗାଜର, ତରଭୁଜ, ବିଲାତି, କଖାରୁ, ପିଜୁଳି, ବ୍ରକୋଲି, ଅମୃତଭଣ୍ଡା, ପାଳଙ୍ଗ, ଅଣ୍ଡା, କ୍ଷୀର ଓ କଳିଜା ଆଦିରେ ପ୍ରଚୁର ପରିମାଣର ଭିଟାମିନ୍-ଏ ରହିଥାଏ ।

### ଭିଟାମିନ୍-ବି୨

ଏହି ଭିଟାମିନ୍ ଶରୀରର କୋଷିକା ପାଇଁ ବହୁ ପରିମାଣରେ ଆବଶ୍ୟକ ହୋଇଥାଏ । ଏହାର ଅଭାବରେ ମୁହଁ ଏବଂ ଓଠ ଶୁଖିଯାଏ । ଏଥିସହିତ ଏହାର ପ୍ରଭାବ ତ୍ୱଚା, ଆଖି ଏବଂ ରକ୍ତ ଉପରେ ମଧ ପଡ଼ିଥାଏ । ଏହାର ଅଭାବରେ ତ୍ୱଚାରେ ଭାଙ୍ଗ, ଏନିମିଆ (ରକ୍ତହୀନତା), ଆଖି ଭାରି ଲାଗିବା, ନିଦ ନ ହେବା ଆଦି ହୋଇଥାଏ । ଭିଟାମିନ-ବି୨ କ୍ଷୀର ଏବଂ କ୍ଷୀରେ ପ୍ରସ୍ତୁତ ଦହି, ପନିର୍ ଆଦିରେ ଥାଏ । ଏଥିସହିତ କଦଳୀ, ବିନ୍‌ସ ଓ ଅଣ୍ଡା ଆଦିରେ ମଧ ଏହି ଭିଟାମିନ୍ ରହିଥାଏ ।

### ଭିଟାମିନ୍- ବି୬

ମଜଭୁତ୍ ପାଚନ ତନ୍ତ୍ର ପାଇଁ ଭିଟାମିନ୍- ବି୬ ବହୁତ ଜରୁରୀ ହୋଇଥାଏ । ଏହା ଶରୀରରେ ହରମୋନ୍ ଏବଂ ମସ୍ତିଷ୍କ ପାଇଁ ରସାୟନିକ ପଦାର୍ଥ ପ୍ରସ୍ତୁତ କରିଥାଏ । ଏହା ଭୁଲା ରୋଗ, ହୃଦ ରୋଗ ଓ ଅବସାଦ ଆଦିରୁ ଦୂରେଇ ରଖେ । ଶରୀରରେ ରକ୍ତ ଶର୍କରା ସ୍ତରକୁ ମଧ ନିୟନ୍ତ୍ରଣ ରଖିଥାଏ । ଏହି ଭିଟାମିନ୍ ଖାଦ୍ୟଶସ୍ୟ, କଦଳୀ, ମାଂସ, ମାଛ, କାଜୁ ଓ କିସମିସ୍ ଆଦିରେ ରହିଥାଏ ।

### ଭିଟାମିନ୍ - ବି୭

ଭିଟାମିନ୍- ବି୭କୁ ବାଓଟିନ୍ ମଧ କୁହାଯାଇଥାଏ । ଏହା କେଶ ପାଇଁ ବହୁତ ଜରୁରୀ ଭିଟାମିନ୍ । ଏହାକୁ ଭିଟାମିନ୍ ଏଚ୍ ମଧ କୁହାଯାଇଥାଏ । ଏହା ରୁକ୍ଷ କେଶକୁ ପୁନଃନିର୍ମାଣ କରିବାରେ ସାହାଯ୍ୟ କରିଥାଏ । ବାଓଟିନ୍ ଅଭାବରେ କେଶର ତ୍ୱଚା ଶୁଷ୍କ ହେବା ସହ ପରଦା ଉଠିଯାଇଥାଏ । ଫଳରେ କେଶ ମୂଳ କୁଣ୍ଡେଇ ହୋଇଥାଏ । ଏହାର ଅଭାବ ପୂରଣ କରିବା ପାଇଁ ହେଲେ ମାଛ, କନ୍ଦମୂଳ, ବାଦାମ, ଗାଜର, କଦଳୀ, ହଳଦୀଆ ଫଳ, ପତ୍ରଜାତୀୟ ପରିବା, ବ୍ରାଉନ ଚାଉଳ, ଅଣ୍ଡା, ସୋୟାବିନ୍, ଲଙ୍କା, ଦହି ଆଦି ପ୍ରଚୁର ପରିମାଣରେ ସେବନ କରିବା ଆବଶ୍ୟକ ।

### ଭିଟାମିନ୍ - ସି

ଏହା କର୍କଟ ରୋଗକୁ ଏଡ଼ାଇବାରେ ସାହାଯ୍ୟ କରିବା ସହ ଦୃଷ୍ଟିଶକ୍ତିରେ ସୁଧାର ଆଣିବାକୁ ଚେଷ୍ଟା କରିଥାଏ । ରକ୍ତରେ କୋଲୋଷ୍ଟରଲ ସ୍ତରକୁ କମ୍ କରିବାରେ ସାହାଯ୍ୟ କରିଥାଏ । ଭିଟାମିନ୍- ସି ଅଭାବରେ ସ୍କର୍ଭି ନାମକ ରୋଗ ହୋଇଥାଏ, ଯାହା ଦ୍ୱାରା ଅଳ୍ପ ପରିଶ୍ରମରେ ଥକ୍କା ଲାଗିବା ସହିତ ମାଂସପେଶୀ ଦୁର୍ବଳ ହୋଇଥାଏ । ସେହିପରି ଆଣ୍ଠୁରେ କଷ୍ଟ ହେବା ସହିତ ମାଡ଼ିରୁ ରକ୍ତ ବାହାରିଥାଏ । ଏଥିପାଇଁ ବ୍ରକୋଲି, ପାଚିଲାଫଳ, ଆଳୁ, ଷ୍ଟ୍ରବେରୀ, କମଳା ଏବଂ ବିଲାତି ଆଦି ଖାଇବା ନିହାତି ଆବଶ୍ୟକ ।

### ଭିଟାମିନ୍-ଇ

ଭିଟାମିନ୍- ଇ ଆମର ଶରୀର ପାଇଁ ସଂପୂର୍ଣ୍ଣ ଉପଯୋଗୀ ହୋଇଥାଏ । ଏହା ଆଣ୍ଟିଅକ୍ସିଡେଣ୍ଟ ଭାବେ କାମ କରିଥାଏ । କୋଷିକାକୁ ଅନ୍ୟ ଏକ କୋଷିକା ସଂଯୋଗ କରିବାରେ ଭିଟାମିନ୍- ଇ ସହାୟକ ହୋଇଥାଏ । ଏହି ଭିଟାମିନ୍ ଅଣ୍ଡା, ବାଦାମ, ଆଖରୋଟ୍, ସୂର୍ଯ୍ୟମୁଖୀ ମଞ୍ଜି, ସୋରିଷ, ବ୍ରକୋଲି, ଆମ୍ବ, ଅମୃତଭଣ୍ଡା ଏବଂ କଖାରୁ ଆଦିରେ ମିଳିଥାଏ ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗ୍ରାମୀଣ ମଜୁରି...

ଭାରତ ଏକ କୃଷିପ୍ରଧାନ ଦେଶ; କୃଷକ ଏ ଦେଶର ମେରୁଦଣ୍ଡ-ଚାଷ ଓ ଚାଷୀ କଥା ଉଠିବା ମାତ୍ରେ ଏଗୁଡ଼ିକ ଚିରାଚରିତ ଭାବରେ କୁହାଯାଇଥାଏ। ଆଜିକା ସମୟରେ କିନ୍ତୁ ଦେଶର ମେରୁଦଣ୍ଡ ଭାବରେ ବିବେଚିତ ଚାଷୀ ଅତ୍ୟନ୍ତ ଦୁର୍ବଳ ଅବ୍ୟବସ୍ଥାରେ ପହଂଚିଛି। ଜଳବାୟୁ ପରିବର୍ତ୍ତନ ସହିତ ତାଳ ଦେଇ କୃଷି କ୍ଷେତ୍ରରେ ସମସ୍ୟା ଦ ଦେଖାଦେଉଛି, ଏହାବାଦ୍ ଭାରତୀୟ କୃଷି ଅନେକଗୁଡ଼ିଏ ଜଟିଳ ସମସ୍ୟା ପାଇଁ ପରିଚିତ, ଯେଉଁଗୁଡ଼ିକ ଦାରିଦ୍ର୍ୟ, ଅସମାନତା ଏବଂ ନିମ୍ନ ଉତ୍ପାଦକତା କ୍ଷେତ୍ରରେ ଅବଦାନ ରଖୁଛନ୍ତି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସଂକଳିତ ତଥ୍ୟ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଗ୍ରାମୀଣ ମଜୁରିରେ ଅନେକ ପାର୍ଥକ୍ୟ ରହୁଥିବା କଥା ବର୍ଣ୍ଣନା କରିଛି। ଏହି ତଥ୍ୟ ଦର୍ଶାଇଛି ଯେ ଅଧ୍ୟୟନ କାଳରେ କେରଳରେ ଜଣେ ଗ୍ରାମୀଣ ଦିନ ମଜୁରିଆ ମାସିକ ହାରାହାରି ୧୮,୧୭୦ ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଥିବାବେଳେ ଗୁଜରାଟରେ ଏହି ପରିମାଣ ଥିଲା ମାସିକ ୫,୫୦୦ ଟଙ୍କା। ସବୁ ରାଜ୍ୟଙ୍କୁ ମିଶାଇ ଦେଖିଲେ ଜାତୀୟ ହାରାହାରି ଦୈନିକ ମଜୁରୀ ଉପାର୍ଜନ ଥିଲା ଦିନକୁ ୩୨୩.୨ ଟଙ୍କା। ଏହି ଜାତୀୟ ହାରାହାରି ହିସାବରେ ଜଣେ ଦିନ ମଜୁରିଆ ଯଦି ମାସକୁ ୨୫ ଦିନ କାମ କରନ୍ତି ବୋଲି ଧରି ନିଆଯିବ, ତା'ହେଲେ ସେ ମାସ ଶେଷରେ ଆୟ କରିବେ ୮,୦୮୦ଟଙ୍କା। ତେବେ ପରିସ୍ଥିତି ସବୁ ରାଜ୍ୟପାଇଁ ସମାନ ନୁହେଁ। ବସ୍ତୁତଃ, ଗୁଜରାଟକୁ ଛାଡ଼ିଦେଲେ ଦେଶରେ ଆହୁରି ଅନେକଗୁଡ଼ିଏ ରାଜ୍ୟ ରହିଛନ୍ତି, ଯେଉଁସବୁରେ ଦିନ ମଜୁରିଆମାନଙ୍କ ମଜୁରି ଜାତୀୟ ହାରାହାରି ଆୟଠାରୁ ଢ଼େର କମ୍। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର,ମହାରାଷ୍ଟ୍ର। ଅପରପକ୍ଷରେ କେରଳ, ହିମାଚଳ ପ୍ରଦେଶ ଏବଂ ତାମିଲନାଡ୍ର ଭଳି କେତେକ ରାଜ୍ୟ ରହିଛନ୍ତି, ଯେଉଁ ରାଜ୍ୟଗୁଡ଼ିକରେ ଗ୍ରାମାଂଚଳରେ ଦିନ ମଜୁରିଆମାନଙ୍କର ମଜୁରି ଜାତୀୟ ହାରାହାରି ଆୟଠାରୁ ଯଥେଷ୍ଟ ଅଧିକ। ଉଲ୍ଲେଖ କରାଯାଇପାରେ କି, ଯେଉଁ ଆର୍ଥିକ ବର୍ଷ ଅର୍ଥାତ ୨୦୨୧-୨୨ ପାଇଁ ତଥ୍ୟଗୁଡ଼ିକର ସଂକଳନ କରାଯାଇଥିଲା, ସେହି ସମୟରେ ସମଗ୍ର ଦେଶରେ କୋଭିଡ୍-୧୯ ମହାମାରୀର ପ୍ରାଦୁର୍ଭାବ ବଳବତ୍ତର ରହିଥିଲା। ସେଥିପାଇଁ ଅର୍ଥନୀତିକ କାର୍ଯ୍ୟକଳାପ ଦୃଷ୍ଟିରୁ ଏହି ବର୍ଷଟି ଏକ ଖରାପ ବର୍ଷ ରହିଥିଲା, କାରଣ ଶ୍ରମିକମାନେ କାମଧନ୍ଦା ପାଇବାରେ, ବିଶେଷକରି ଗ୍ରାମାଂଚଳରେ କାମ ପାଇବା କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ବିଭିନ୍ନ ରାଜ୍ୟରେ ଏହି ଅସୁବିଧାଗୁଡ଼ିକ ମଧ୍ୟରେ କିପରି ଓ କେତେ ପାର୍ଥକ୍ୟ ଥିଲା ଏବଂ ଗ୍ରାମୀଣ ଚାହିଦା ଦୃଷ୍ଟିରୁ ଏହାର କେଉଁସବୁ ନିହିତାର୍ଥ ରହିଛି, ସେ ସମ୍ବନ୍ଧରେ ଏହା ବର୍ଣ୍ଣନା କରିନଥାଏ। ଦେଶର ବିଭିନ୍ନ ରାଜ୍ୟ ମଧ୍ୟରେ ଗ୍ରାମୀଣ ମଜୁରି କ୍ଷେତ୍ରରେ ଏଭଳି ତାରତମ୍ୟ ବା ପାର୍ଥକ୍ୟ ଗ୍ରାମାଂଚଳର ଶ୍ରମିକ ବଜାରର ତ୍ରୁଟିପୂର୍ଣ୍ଣ ସ୍ୱଭାବକୁ ପ୍ରଦର୍ଶିତ କରିଥାଏ। ସାମ୍ପ୍ରତିକ ସମୟରେ ଏକ ବଡ଼ ସମସା ହେଉଛି ପ୍ରବାସ ଗମନ, ଯାହା କେବଳ ଦେଶ ବାହାରକୁ ଯାତ୍ରା ମଧ୍ୟରେ ସୀମିତ ନୁହେଁ। ଏହା ଦେଶ ଭିତରେ ମଧ୍ୟ ଘଟିଥାଏ ଏବଂ ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି କାମଧନ୍ଦା ଓ ଅଧିକ ମଜୁରି ଅର୍ଜନ କରି ପାରିବା ଯୋଗୁଁ ଦେଶର ବିଭିନ୍ନ ଗ୍ରାମାଂଚଳରୁ ସହରାଂଚଳକୁ ଲୋକମାନଙ୍କର ଆଗମନ। ଏପରି ହେବାର କାରଣ, ଆଦର୍ଶଗତ ଭାବରେ ମଜୁରି ହାରରେ ବଡ଼ ଧରଣର ପାର୍ଥକ୍ୟ, ଯାହା କମରୁ ଅଧିକ-ମଜୁରି ଅର୍ଜନ କରିହେବା ଲକ୍ଷ୍ୟସ୍ଥଳକୁ ଘଟିଥାଏ। ଭାରତରେ ଯଦିଓ ପ୍ରବାସ ଗମନ ଘଟୁଛି, ତେବେ ସାଂସ୍କୃତିକ ଏବଂ ଭାଷାଗତ ପ୍ରତିବନ୍ଧକଗୁଡ଼ିକ ଏହିଭଳି ପ୍ରବାହଗୁଡ଼ିକୁ ରୋକିବା ଦିଗରେ କାର୍ଯ୍ୟ କରୁଛି। ୨୦୨୧-୨୨ ଆର୍ଥିକ ବର୍ଷ ଏ ଦୃଷ୍ଟିରୁ ମଧ୍ୟ ଖରାପ ସାବ୍ୟସ୍ତ ହୋଇଥିଲା। କୋଭିଡ୍-୧୯ ମହାମାରୀ ଆରମ୍ଭ ହେବା ପରେ ଲୋକମାନଙ୍କୁ ସଂକ୍ରମଣରୁ ରକ୍ଷା କରିବା ନିମନ୍ତେ ସରକାର ଦେଶବ୍ୟାପି ଲକ୍‌ଡାଉନ୍ ଜାରି କରିବା କଥାକୁ ସ୍ମରଣ କରାଯାଇପାରେ। ଏହି ସମୟରେ ସାରା ଦେଶରେ କେବଳ କଳକାରଖାନା, ଦୋକାନ ବଜାର କି ଯାନବାହନ ଚଳାଚଳ ବନ୍ଦ ରହିନଥିଲା, ବରଂ ଏହାର ପରିଣତି ସ୍ୱରୂପ ସହରାଂଚଳର ଲୋକମାନେ କାମଧନ୍ଦା ଅଭାବରୁ ସେମାନଙ୍କ ନିଜ ନିଜର ଗ୍ରାମକୁ ପାଦରେ ଚାଲି ଚାଲି ଫେରିବାର ଦୃଶ୍ୟ ଏଯାବତ୍ ପାସୋର ହୋଇନଥିବା ନିଶ୍ଚୟ। ଅର୍ଥାତ ମୋଟାମୋଟି କୋଭିଡ୍ ପ୍ରବାସୀମାନଙ୍କୁ ସେମାନଙ୍କ ନିଜ ନିଜର ଜନ୍ମ ମାଟିକୁ ଫେରିବାକୁ ବାଧ୍ୟ କରିଥିଲା। ମଜୁରୀ ହାରରେ ଚିନ୍ତାଜନକ ପାର୍ଥକ୍ୟର ବୃଦ୍ଧିକୁ ଯାହା ବଢ଼ାଇପାରେ, ସେହି ଦ୍ୱିତୀୟ ଦିଗଟି ହେଉଛି, ବିଭିନ୍ନ ରାଜ୍ୟର ସ୍ଥାନୀୟ ଜଳବାୟୁ ଯାହା କୃଷିକ୍ଷେତ୍ର ସମ୍ବନ୍ଧିତ କାର୍ଯ୍ୟକଳାପକୁ ପ୍ରଭାବିତ କରିଥାଏ ଏବଂ ତଦ୍ୱାରା ଗ୍ରାମୀଣ ମଜୁରି ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ।

# ମାଟି - ଖାଦ୍ୟର ଏନ୍ତୁଡ଼ିଶାଳ



ଡ଼ି ଶୁଭମ୍

ମାଟି ନଥିଲେ ଚାଷ ନଥାନ୍ତା। ଆଉ ଚାଷ ନଥିଲେ ଜୀବ ନଥାନ୍ତା। ଏକଥା କାହାକୁ ବା ଅଜଣା। ମାଟିକୁ ମା' ବୋଲି ଅଭିହିତ କରାଯାଏ। ଏଇଠାରୁ ହିଁ ଜୀବନ ଜୀଇଁବାର ଅଧ୍ୟାୟ ଆରମ୍ଭ ହୁଏ। ମାଟି- ଚାଷର ଏନ୍ତୁଡ଼ିଶାଳ। ମାଟି ହିଁ ଫସଲ ଆଉ ଉତ୍ପାଦନର ପେଣ୍ଠସ୍ଥଳୀ। ଆମ ଜୀବନରେ ତିନୋଟି ମା'ଙ୍କର ଭୂମିକା ଅତୁଳନୀୟ। ପ୍ରଥମ ଆମ ଜନ୍ମଦାତ୍ରୀ, ଦ୍ୱିତୀୟରେ ଗୋମାତା ଓ ତୃତୀୟରେ ମୃତ୍ତିକା ବା ମାଟି। ମାଟି ଉପରେ ହେଉ କି ମାଟି ତଳେ ଗଛଟିଏ ବଢିବା ପାଇ ଏତିକି ହିଁ ଯଥେଷ୍ଟ। ମାଟିର ଉର୍ବରତା ବୃଦ୍ଧି ହିଁ ଉତ୍ପାଦନର ହାରକୁ ଦ୍ୱିଗୁଣିତ କରେ। ପରନ୍ତୁ ସାମ୍ପ୍ରତିକ ସମୟରେ ଅନେକ ସମସ୍ୟା ହେତୁ ମୃତ୍ତିକାର ଉର୍ବରତା ହାର ହ୍ରାସ ପାଇବା ସହ ଉତ୍ପାଦକତା କମୁଛି। ଖାଦ୍ୟ ଓ କୃଷି ସଂଗଠନ ତରଫରୁ ୨୦୧୫ ମସିହାରୁ ଡ଼ିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଉଛି। ତେବେ ମୃତ୍ତିକା ବିଜ୍ଞାନର ଜଣେ ସ୍ନାତକୋତ୍ତର ଛାତ୍ର ଭାବେ ବଭିନ୍ନ ପ୍ରକାର ମୃତ୍ତିକା ବିଷୟରେ ଅଳ୍ପ ବହୁତ ଅନୁଧ୍ୟାନ ଓ ଅଧ୍ୟୟନ କରିଛି। ଚଳିବ ବର୍ଷ ବିଶ୍ୱ ମୃତ୍ତିକା ଦିବସର ଅନୁଚିନ୍ତା- ମାଟି- ଖାଦ୍ୟର ଏନ୍ତୁଡ଼ିଶାଳ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚ଼ିତ୍କାର କରୁଛି।

ସତରେ ଏ ବର୍ଷର ଅନୁଚିନ୍ତାକୁ ଲକ୍ଷ୍ୟ କଲେ ମାଟିର ଉପଯୋଗିତା କଥା ମନରେ ସ୍ୱତଃ ଆସିଯାଏ। ଖାଦ୍ୟ ଖାଇବାର ସ୍ୱପ୍ନ ଦେଖୁଥିବା ମଣିଷଟିଏ ମାଟି ବିନା ଚାଷ କରିବା ଅସମ୍ଭବ। ଯଦିଓ ବିଜ୍ଞାନ ଓ ପ୍ରଯୁକ୍ତିବଦ୍ୟାକୁ ସାଥ କରି ଏବେ ଚାଷରେ ଆଧୁନିକୀକରଣ କରାଯାଇପାରୁଛି , ତଥାପି ବିଶ୍ୱରେ ସବୁ ସ୍ଥାନରେ ମାଟି ଉପରେ ହିଁ ଚାଷ କରାଯାଏ। ମାଟିରୁ ହିଁ ଫସଲ ଉତ୍ପାଦନ ହୁଏ । ଏମାଟି ହିଁ ଆମକୁ ସୁନାର ଫସଲ ଦିଏ। ଆସନ୍ତୁ ମୃତ୍ତିକାର ବିଭିନ୍ନ ଉପାଦାନ ବିଷୟରେ ଜାଣିବା।

ମୃତ୍ତିକା - ମାଟି ଏକ ମାଧ୍ୟମ ଯାହା କି ଖଣିଜଲବଣ, ପାଣି, ବାୟୁ, ଜୈବିକ ପଦାର୍ଥ ତଥା ଅଣୁଜୀବ ମାନଙ୍କ ସମାହାରରେ ଗଠିତ। କହିବାକୁ ଗଲେ ଏହି ପାଂଚଟି ଉପାଦାନକୁ ନେଇ ମାଟିର ସଂଜ୍ଞା ନିରୂପଣ କରାଯାଏ। ଖଣିଜଲବଣ- ମୃତ୍ତିକା ଗଠନରେ ଖଣିଜଲବଣର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସବୁଠାରୁ ଅଧିକ ଭାଗ ଉପାଦାନ ଖଣିଜଲବଣ ଉପରେ ନିର୍ଭର କରେ। ଶତକଡ଼ା ୪୫ ରୁ ୪୯ ଭାଗ ଖଣିଜଲବଣକୁ ନେଇ ମାଟିର ଗଠନ କରାଯାଇଥାଏ।

ପାଣି- ଏହା ଦ୍ୱିତୀୟ ମୁଖ୍ୟ ଉପାଦାନ। ମୃତ୍ତିକାର ଜଳଧାରଣ କ୍ଷମତା ଉପରେ ଫସଲର ଉତ୍ପାଦନ ହାର ନିର୍ଭର କରେ। ଯେଉଁ ମାଟିର ଜଳଧାରଣ କ୍ଷମତା ଅଧିକ ସେ ମାଟିରେ ଚାଷ କାମ ଭଲ ହୋଇଥାଏ। ଜୈବିକ ପଦାର୍ଥ- ମାଟିରେ ଜୈବିକ ପଦାର୍ଥ ଅନ୍ୟ ଏକ ଉପାଦାନ ଭାବେ ବିଦିତ। ଜୈବିକ ପଦାର୍ଥ ଯେକୌଣସି ପଚିଥିବା କିମ୍ବା ସଢ଼ିଥିବା ଗଛ ବା ପଦାର୍ଥରୁ ପ୍ରସ୍ତୁତ ହୋଇପାରେ। ଯେଉଁ ମାଟିରେ ଜୈବ ପଦାର୍ଥ ଅଧିକ ପରିମାଣରେ ଥାଏ ସେଥିରେ କାଟାୟନ ଏକ୍ସଚେଂଜ କ୍ଷମତା ଅଧିକ ଥାଏ। ସୁତରାଂ ସେଇ ମାଟିରେ ଭଲ ଭାବରେ ଫସଲ ଉତ୍ପାଦନ କରାଯାଇଥାଏ। ବାୟୁ - ପାଣି ପରି ମାଟି ଭିତରେ ବାୟୁର ଆବଶ୍ୟକତା ବି ସେତିକି ଗୁରୁତ୍ୱପୂର୍ଣ୍ଣ। କାରଣ ଗଛର ଚେର ପାଇଁ ଅମ୍ଳଜାନ ଅପରିହାର୍ଯ୍ୟ। ଠିକ ସେମିତି ଅଙ୍ଗାରକାମ୍ଳ ଓ ଯବକ୍ଷାରଜାନ ମାଟି ତଳେ ନାଇଟ୍ରୋଜେନ ଫିକ୍ସିଂ ବ୍ୟାକ୍ଟେରିଆଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅଣୁଜୀବ- ଯଦିଓ ମାଟି ମଧ୍ୟରେ ଅଣୁଜୀବମାନେ ଅଧିକ ପରିମାଣରେ ଦେଖାଯାଆନ୍ତି ପରନ୍ତୁ ମୃତ୍ତିକା ଗଠନରେ ଏମାନଙ୍କ ଭୂମିକା ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ମୃତ୍ତିକାର ଉପର ସ୍ତରରେ ପାଖାପାଖି ୨୦୦୦୦ରୁ ଅଧିକ ଅଣୁଜୀବ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଜିଆ ଓ ସୂତ୍ରକୃମି ମାନଙ୍କ ସଂଖ୍ୟା ଅଧିକ। ଜୈବ ପଦାର୍ଥ ବିଘଟନରେ ଅଣୁଜୀବମାନେ ମୁଖ୍ୟ ଭୂମିକା ନେଇଥାନ୍ତି।

ସମ୍ପ୍ରତି ଭାରତ ବର୍ଷରେ ପ୍ରାୟ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୩୫ ବର୍ଷ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚ଼ରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚ଼ନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚ଼ାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକାରେ ଲବଣୀକରଣ ଏକ ପ୍ରମୁଖ ସମସ୍ୟା। ଏହା ଫସଲ ବଢ଼ିବାକୁ ଠିକ ଭାବରେ ଦିଏ ନାହି। ଲବଣ ଜମିରେ ଫସଲର ଅମଳ ପରିମାଣ କମାଇଦେଇଥାଏ। ତେଣୁ ଏହାକୁ କିପରି ଠିକ ଭାବରେ ସମାଧାନ କରାଯାଇପାରିବ, ମୃତ୍ତିକାରେ ଲବଣର ପରିମାଣକୁ ଅନୁପାତ ଅନୁସାରେ ରଖାଯାଇପାରିଲେ ଫସଲର ଗୁଣାତ୍ମକ ମାନ ବୃଦ୍ଧି ହୋଇପାରିବ। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ୧୯୯୦ ରୁ ୨୦୧୪ ମସିହା ମଧ୍ୟରେ ପାଖାପାଖି ୫୦୦୦ଏକର ଜମି ଏହି ଲବଣୀକରଣ ସମସ୍ୟା ଯୋଗ ନଷ୍ଟ ହୋଇଛି। ଏହାର କିପରି ଯଥୋଚିତ ସମାଧାନ କରାଯିବପାରିବ, ତା ଏବେ ଅନୁଧ୍ୟାନ କରିବାର ସମୟ।

ସାଧାରଣତଃ ଲବଣୀକରଣ କହିଲେ ଆମେ ମାଟିରେ ଥିବା ଦ୍ରବଣୀୟ ଲବଣକୁ ବୁଝାଉ। ମୃତ୍ତିକା ବିଜ୍ଞାନରେ ଏ ଲବଣ ଗୁଡ଼ିକ ସୋଡ଼ିୟମ , ପଟାସିୟମ, କ୍ୟାଲସିୟମ, କ୍ୟାଲସିୟମ ପ୍ରଭୃତିକୁ ବୁଝାଏ। ଏହି ସବୁ ଲବଣ ଗୁଡ଼ିକ ଯୋଗୁଁ ଗଛ ଗୁଡ଼ିକ ସଠିକ ପରିମାଣରେ ପାଣି ନେଇ ପାରନ୍ତି ନାହିଁ ଯାହାକି ଫସଲର ବୃଦ୍ଧିରେ ପ୍ରମୁଖ ସମସ୍ୟା ସାଜେ। ଏକ ସର୍ଭେରୁ ଜଣାଯାଇଛି ୨.୫ବିଲିୟନ ଏକର ଜମି ଲବଣୀକରଣ ଦ୍ୱାରା ପ୍ରଭାବିତ ହୋଇଛି।

ମୁଖ୍ୟତଃ ମୃତ୍ତିକାର ଲବଣୀକରଣ ଅତ୍ୟଧିକ ବାଷ୍ପୀକରଣ , ଠିକ ଭାବରେ ଡ୍ରେନେଜର ଅଭାବ , ଅତ୍ୟଧିକ ଦ୍ରବଣୀୟ ଲବଣ ମାଟିରେ ରହିବା ଯୋଗୁଁ ହୋଇଥାଏ। ମୁଖ୍ୟତଃ ଲବଣୀକରଣ ମାଟିହେଲେ ଆମେ ଜମିରେ ଧଳା ଚିହ୍ନ ଦେଖିବାକୁ ପାଇଥାଉ। ଏହି ଲବଣୀକରଣ ପ୍ରକ୍ରିୟା ଯୋଗୁଁ ଗଛ ଠିକ୍ ଭାବରେ ବଢ଼ିପାରେ ନାହି।

ଏହି ଲବଣୀକରଣକୁ କମ୍ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବା ଆବଶ୍ୟକ। ଠିକ୍ ଭାବରେ ଜଳସେଚନ କରିବା ଆବଶ୍ୟକ ମାଟିରେ ଠିକ ଭାବରେ ଜୈବିକ ସାର ଓ କମ୍ପୋଷ୍ଟ ବ୍ୟବହାର କରିବା ଦରକାର। ଠିକ ଭାବରେ ମଲ୍‌ଚିଂ କରିବା ଆବଶ୍ୟକ। ଲବଣକ୍ଷମ (ସହନଶୀଳ) ଗଛ ଗୁଡ଼ିକ ଲଗାଇବା ଦ୍ୱାରା ଏହାର ପ୍ରଭାବ କମ୍ ହୋଇଥାଏ। ମାଟିରେ ଜିପସମକୁ ସଠିକ ଭାବରେ ପ୍ରୟୋଗ କରିବା ଆବଶ୍ୟକ। ବାଷ୍ପୀକରଣ ପ୍ରକ୍ରିୟାକୁ କମ୍ କରିବା ଦ୍ୱାରା ଲବଣୀକରଣ କମ୍ ହୋଇଥାଏ। ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ।

ବିଶ୍ୱ ମୃତ୍ତିକା ଦିବସରେ ମାଟି ପାଇଁ ଟିକେ ଚ଼ିନ୍ତା କରିବାର ସମୟ ଆସିଛି। କୁହାଯାଏ ଯେ ମାଟି ହେଉଛି ଆମର ମା ଆଉ ମଧ କୃଷିର ଆରମ୍ଭ ମାଟିରୁ। କିନ୍ତୁ ଆଜି ସେଇ ମାଟି ପ୍ରଦୂଷିତ ଓ ଅନୁର୍ବର। ପ୍ରବଳ ମାତ୍ରାରେ ରାସାୟନିକ ସାରର ବ୍ୟବହାର ଆଜି ମାଟି ମା କୁ ନଷ୍ଟ କରିଦେଇଛି। ଆମେ ନିଜେ ସଜାଗ ହେଲେ ସବୁକିଛି ସୁଧୁରି ପାରିବ। ତେଣୁ ଆସନ୍ତୁ ମାଟି ପାଇଁ ପଦେ କଥା ସମସ୍ତଙ୍କୁ କହି ବୁଝେଇବା ଆଉ ଏ ଦିଗରେ ଚ଼ିନ୍ତା କରିବା ସହ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା।

+କୃଷି ସ୍ନାତକୋତ୍ତର, ମୃତ୍ତିକା ବିଜ୍ଞାନ ସୋଆ, ଭୁବନେଶ୍ୱର
ମୋ-୯୪୩୮୪୬୭୦୭୯

# ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ଓ ସୁପ୍ରିମକୋର୍ଟ କଲେଜିୟମ ବ୍ୟବସ୍ଥା

ଯୁଧିଷ୍ଠିର ମହାରଣା

ରାଷ୍ଟ୍ର ବ୍ୟବସ୍ଥାରେ ଏକ ଗଣତାନ୍ତ୍ରିକ ଦେଶର ସାମ୍ବିଧାନିକ ସ୍ୱାଧୀନ ଅଙ୍ଗ ଗୁଡ଼ିକ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବାର ବିଧି ରହିଛି। ବିଧାନପାଳିକା ଆଇନ ତିଆରି କରେ, କାର୍ଯ୍ୟପାଳିକା ତାହାକୁ କାର୍ଯ୍ୟକାରୀ କରେ ଏବଂ ନ୍ୟାୟପାଳିକା ସେହି ଆଇନର ବୈଧତାକୁ ତନଖି ଓ ତର୍ଜମା କରି ଏହା ସମ୍ବିଧାନ ସମର୍ଥିତ କି ନୁହେଁ, ତାହା ଦେଖେ। ଆମେ ଦେଖୁଛୁ ଯେ ଭାରତୀୟ ଗଣତନ୍ତ୍ର ଯେତେ ପାକଳ ହେଉଛି, ସେଥିରେ କାର୍ଯ୍ୟପାଳିକା ଓ ବିଧାନପାଳିକା ସେତେ ଅଧିକ ଶକ୍ତିଶାଳୀ ହେବାକୁ ଚେଷ୍ଟା କରୁଛି। ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ଲୋକପ୍ରତିନିଧି ଦେଶର ସାର୍ବଭୌମ ଅନୁଷ୍ଠାନରେ ଅଧିକ କ୍ଷମତାଶାଳୀ ହେବାକୁ ଚେଷ୍ଟା କରୁଛନ୍ତି। ଏହି ପ୍ରକ୍ରିୟାରେ ବେଳେ ବେଳେ ସମ୍ବିଧାନର ମୂଳ ନୀତି ଓ ଆଦର୍ଶର ଉଲ୍ଲଂଘନ ହେବା ଭଳି କାର୍ଯ୍ୟ ହେଉଛି ଏବଂ ନ୍ୟାୟପାଳିକାକୁ ଏଥିରେ ବାଧ ହୋଇ ହସ୍ତକ୍ଷେପ କରିବାକୁ ପଡୁଛି। ଆହୁରି ମଧ ଆମେ ଦେଖୁଛୁ ଯେ ଗୋଟିଏ ସମୟ ଥିଲା ଯେତେବେଳେ ନ୍ୟାୟପାଳିକାର ଅତିକ୍ରିୟା ବିଧାନପାଳିକା ଓ କାର୍ଯ୍ୟପାଳିକା ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ପ୍ରତ୍ୟେକ ନୂଆ ଆଇନର ନ୍ୟାୟିକ ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ଅଧିକୃତ ବୋଲି ଏହାର ଏକ ପାଠ ମତ ଦେଇ ଶାସନ ବ୍ୟବସ୍ଥା ଓ ଆଇନ ପ୍ରଣୟନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା। ଅବଶ୍ୟ ଆଜି ନ୍ୟାୟପାଳିକାର ସେହି ଅତିକ୍ରିୟା ବା ଜୁଡ଼ିସିଆଲ ଆକ୍ଟିଭିଜିମ୍ ଆଗ ଭଳି ନାହିଁ ତଥାପି ନ୍ୟାୟପାଳିକା ସହିତ କାର୍ଯ୍ୟପାଳିକା ଓ ବିଧାନପାଳିକାର ସମ୍ପର୍କ ଆଗଭଳି ସୁସମନ୍ୱିତ ନ ଥିବା ପରି ଜଣାପଡ଼େ।

ଯେବେଠାରୁ ଜାତୀୟ ବିଚାର ବିଭାଗୀୟ ନିଯୁକ୍ତି ଆୟୋଗକୁ ସର୍ବୋଚ୍ଚ ଅଦାଲତର ସମ୍ବିଧାନ ପାଠ ନାକଚ କରିବା ସହିତ ସମ୍ବିଧାନର ୯୯ ତମ ସଂଶୋଧନକୁ ବେଆଇନ ଘୋଷଣା କଲେ ସେବେଠାରୁ ନ୍ୟାୟପାଳିକା ବିଶେଷକରି ସୁପ୍ରିମକୋର୍ଟ ସହିତ କେନ୍ଦ୍ର ସରକାରଙ୍କର ସମ୍ପର୍କ କ୍ଷୁର୍ଣ୍ଣ ହୋଇଛି। ଆମ ମତରେ ଏନଜେଏସିର ଔଚିତ୍ୟ ସନ୍ଦୋହାତୀତ ଥିଲା। କୌଣସି ଦେଶରେ ବିଚାରପତିମାନେ ନିଜେ ନୂଆ ବିଚାରପତି ନିଯୁକ୍ତ କରିବାର ବ୍ୟବସ୍ଥା ନାହିଁ। ଆହୁରି ମଧ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ କିଏ ବିଚାରପତି ହେବେ, ତାହା ସର୍ବୋଚ୍ଚ ଅଦାଲତରେ ଏକ କଲେଜିୟମ ଏକ ପାରମ୍ପରିକ ଗୋଷ୍ଠିଭିତ୍ତିକ ପ୍ରକରଣ ଚୂଡ଼ାନ୍ତ କରେ, ଯେଉଁଥିରେ କେବଳ ପାଞ୍ଚ ଜଣ ବରିଷ୍ଠ ବିଚାରପତି ସଭ୍ୟଥାନ୍ତି। ଏହା ଗଣତାନ୍ତ୍ରିକ ନୁହେଁ ବରଂ ନୂତନ ସେମାନଙ୍କ ଦ୍ୱାରା ନୂତନ ବିଚାରପତି ଚୟନ ପ୍ରକ୍ରିୟା ଅସ୍ୱଚ୍ଛ ବୋଲି ଅଭିଯୋଗ ହୋଇଆସିଛି। ତେବେ ଏହି କଲେଜିୟମ ବ୍ୟବସ୍ଥା ସମ୍ବିଧାନରେ ଉଲ୍ଲେଖ ନାହିଁ।

୧୯୯୩ରେ ସେକେଣ୍ଡ ଜଜ ମାମଲାରେ ସୁପ୍ରିମକୋର୍ଟର ୯ଜଣିଆ ଖଣ୍ଡପୀଠ ଦ୍ୱାରା ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହି ନୂତନ ପ୍ରକ୍ରିୟା ହେଲା ସୁପ୍ରିମକୋର୍ଟର ପାଞ୍ଚ ଜଣ ବରିଷ୍ଠ ବିଚାରପତି ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ହାଇକୋର୍ଟ ଓ ସୁପ୍ରିମକୋର୍ଟର ନୂତନ ବିଚାରପତି ନିଯୁକ୍ତି ପାଇଁ ନାମ ଚୟନ କରିବେ ଏବଂ କେନ୍ଦ୍ର ସରକାରଙ୍କୁ ନିଯୁକ୍ତି ସୁପାରିସ କରିବେ। ଏହାପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଆବଶ୍ୟକୀୟ ପ୍ରଶାସନିକ ତନଖି କରି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପତ୍ର ବିଜ୍ଞପିତ କରିବେ। ପରେ ଏହା ଏକ ବାଧ୍ୟତାମୂଳକ ପରମ୍ପରାରେ ପରିଣତ ହେଲା ଏବଂ କଲେଜିୟମର ସୁପାରିସକୁ କେନ୍ଦ୍ର ସରକାର କେବଳ ମାତ୍ର ଔପଚାରିକ ଅନୁମୋଦନ କରିପାରୁଥିଲେ। ବିଚାରପତି ମନୋନୟନ ପ୍ରକ୍ରିୟା ଗୁପ୍ତ ରହିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ଏଥିରୁ ବାଦ ପଡୁଥିଲେ। ତେଣୁ ସରକାର ସର୍ବଦଳୀୟ ସହମତିରେ ଏନଜେଏସିର ପରିକଳ୍ପନା କରି ବିଚାରପତି ନିଯୁକ୍ତିକୁ ସ୍ୱଚ୍ଛ ଯୋଗ୍ୟତା ଭିତ୍ତିକ ଏବଂ ପ୍ରିୟାପ୍ରୀତି ତୋଷଣରୁ ମୁକ୍ତ କରିବାକୁ ଉଦ୍ୟମ କରିଥିଲେ। ଦେଶର ପାର୍ଲାମେଣ୍ଟ ସମେତ ୨୧ଟି ରାଜ୍ୟ ବିଧାନସଭା ଏ ସଂକ୍ରାନ୍ତ ପ୍ରସ୍ତାବ ଓ ସମ୍ବିଧାନ ସଂଶୋଧନ ବିଧେୟକକୁ ଅନୁମୋଦନ କରିବା ସତ୍ତ୍ୱେ ୩-୨ ଭୋଟ ଆଧାରରେ ସୁପ୍ରିମକୋର୍ଟର ସମ୍ବିଧାନ ବେଞ୍ଚ ଏହାକୁ ୨୦୧୫ରେ ରଦ୍ଦ କରିଦେଲା। କୁହାଗଲା ଯେ ଏହାଦ୍ୱାରା ସମ୍ବିଧାନର ମୌଳିକ ଢ଼ାଞ୍ଚା ପ୍ରଭାବିତ ହେବ। ତା ପରଠାରୁ କଲେଜିୟମ ଓ ସରକାରଙ୍କ ମଧ୍ୟ ବଳ କଷାକଷି ଚାଲିଛି। କଲେଜିୟମ ସୁପାରିସକୁ ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି କିମ୍ବା ମନୋନୀତ ନାମ ଉପରେ ଆପତ୍ତି ଉଠାଇ ତାହାକୁ ପକାଇ ରଖୁଛନ୍ତି। ଏହାଫଳରେ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି ଏବଂ ଲୋକେ ନ୍ୟାୟ ପାଇବାରେ ଅସୁବିଧା ଭୋଗୁଛନ୍ତି।

ନିକଟରେ ଅବସର ନେଇଥିବା ପ୍ରଧାନ ନ୍ୟାୟାଧୀଶ ୟୁୟୁ ଲଳିତ ତାଙ୍କ ସ୍ୱଳ୍ପଦିନର କାର୍ଯ୍ୟକାଳ ମଧ୍ୟରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ କଲେଜିୟମ ବ୍ୟବସ୍ଥାରେ ଥିବା ଦୁର୍ବଳତା ପଦାରେ ପଡ଼ିଥିଲା। ସୁପ୍ରିମକୋର୍ଟର ନୂଆ ବିଚାରପତିଙ୍କ ନାମ ଚୂଡ଼ାନ୍ତ ପାଇଁ ସେ ଯେଉଁ ବିଜ୍ଞପ୍ତି ମାଧ୍ୟମରେ କଲେଜିୟମର ସଦସ୍ୟମାନଙ୍କୁ ଅବଗତ କରାଇଥିଲେ, ତାହାକୁ ପଦ୍ଧତିଗତ ଅସଂଗତି ଦର୍ଶାଇ ବର୍ତ୍ତମାନର ପ୍ରଧାନ ବିଚାରପତିଙ୍କ ସମେତ ଦୁଇଜଣ ବୈଠକରେ ଯୋଗ ଦେଇନଥିଲେ। ଫଳରେ କାହାର ନାମ ସୁପାରିସ କରାଯାଇ ପାରିନଥିଲା। ପାଞ୍ଚଜଣ କଲେଜିୟମ ସଭ୍ୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରୁନଥିବା ବେଳେ ଏମାନଙ୍କ ଠାରୁ ଯୋଗ୍ୟ ବିଚାରପତି ନିଯୁକ୍ତି ଆଶା କରିବା ବୃଥା ବୋଲି ଅନେକ ଆଇନଜୀବୀ ମତ ଦେଇଥିଲେ। ଏନଜେଏସି ଏବେ ଇତିହାସ ପାଲଟି ଯାଇଥିବାବେଳେ ଏହା ଉପରେ ଆଲୋଚନାର କି ଯଥାର୍ଥତା ରହିଛି? (ଅବଶିଷ୍ଟ ପୃଷ୍ଠା ୭ରେ)




## ଫେରିବାର ବେଳା

ସୁବ୍ରତ କୁମାର ଜେନା

ଫେରିବାର ବେଳା ଏବେ,
ବାନ୍ଧି ପାରିବନି ଶିକୁଳି,
ଲୁହାର-ଲୁହର-ଲହୁର,
ପ୍ରେମର -ପ୍ରତାରଣାର,
ମିତ୍ରତାର-ଶତ୍ରୁତାର,
ଶିଥିଳ ହେବ ଧମନୀ ରୁ ରକ୍ତ
ପ୍ରବାହ,
କାହା କାହା ଭାଷାରେ,
ପଥ ମୁକ୍ତିର,
ବିଦାୟ ଶକ୍ତିର, ଆୟମାରମ୍ଭ ଯାତ୍ରା
ଶୂନ୍ୟତାର ।

ଖାଁ ଖାଁ ଲାଗୁଛି ବାରୁଣାବନ୍ତ,
ଏମିତିତ ହେବାର ଥିଲା ଦିନେ,
ଜଳିଥିଲା ସ୍ୱର୍ଣ୍ଣିମ ଲଙ୍କା,
ଡୁବିଥିଲା ଦ୍ୱାରିକା ମହୋଦଧିରେ,
ଧ୍ୱଂସ ପାଇଥିଲେ
ସମଗ୍ର ଯାଦବ ବଂଶ ।

ତଥାପି ସରିନି ସେ ମୋହ ସିଆଳି
ଲଟାର,
ମନ ବନ ପ୍ରାନ୍ତେ କିଏ ହୁଏ
ଆହ୍ଲାଦିତ,
ପବନରେ ଭାସି ଆସେ ମହକ
କୃଷ୍ଣାଙ୍କର,
ଦୂରେ ଲୁଚିବୁଲେ ଜାରା,
ପୁଣି ଏକ ସମୟର ନିର୍ଦ୍ଦେଶକୁ,
ଅପେକ୍ଷାରେ କାଳ ପରେ କାଳ ,
ଆଚମ୍ବିତ ! ଉଜାଣି ବହୁଛି ପ୍ରୀତିର
ଯମୁନା,
ଶୁଖି ଗଲାଣି ରସିକ କଦମ୍ବ,
ହରାଇ ଜୀବନର ସବୁ ରସାଳକୁ,
ସେ ଜାଣିଲାଣି ସମୟ ଏବେ
ବାହୁଡ଼ିବାର ।

ତୃଷାର୍ଥ ଚାହିଁଛି ଗଗନେ,
ବୋଧେ ଅନ୍ତ ଘଟିବ ତା ପ୍ରତିକ୍ଷାର,
ବାରୁଣାବନ୍ତକୁ ଫେରି ପାରନ୍ତି କଳା
ନାଗର,
ଆଉଥରେ ଯୋଡ଼ା ହେବ,
ସମୟର ଭଙ୍ଗା ସ୍ମୃତି ସବୁକୁ ଗୋଟି
ଗୋଟି କରି ,
ପଲମ ରେ ସାଇତା ବିଶଲ୍ୟକରଣୀ,
ମୃତ୍ୟୁ ସଂଜୀବନିର ମହାନ ଆଶ୍ରିବାଦ,
ଅନେକ ଦିନପରେ ଆକାଶରେ
ମେଘର ବିମାନ,
ଆଲୋକ ଓ ଶବ୍ଦର ଅପୂର୍ବ ସମାହାର,
ନାଚୁଛି ବର୍ଷା,
ଭୁଲାଇ ଦେଇଛି ଯେତେସବୁ ପୁରୁଣା
ଇର୍ଷା,
ଶିଆଳି ଲଟାରୁ ଭାସି ଆସେ ବଂଶୀର
ମୂର୍ଚ୍ଛନା ।

ସମୟ ଫେରିବା ଫେରିବା ପ୍ରାୟ,
ତଥାପି ବୃଥା ପ୍ରୟାସ ବାନ୍ଧିଦେବାକୁ,
ହାତ ପାପୁଲିର କଅଁଳ ମୁଠାରେ,
ବସନ୍ତ ଏବେ ଏବେ ପ୍ରସ୍ଥାନ ପଥର
ଯାତ୍ରୀ,
ଆଗରେ ଅନେକ ପଥ,
ଯାତ୍ରା ହୋଇପାରେ ସୁଗମ୍ୟ ନଚେତ..
ବହଳ ବହଳ ଲୁହର,କ୍ଷତର ନରମ
ଛିଟା,
ଆଉ ଦେଖୁନି ସେ ବାଇଆ ବସାକୁ,
ସେତ ସେମିତି,
ନାଚିବ-ଗାଇବ-ଝୁଲିବ,
ଯେତେ ଝଡ଼ ଆସୁ ଅବା ଝଞ୍ଜା,
ଯେତେ ରାତି ଅନ୍ଧାର ହେଉ ଅବା
ପୂର୍ଣ୍ଣିମା,
ଏବେ ଏବେ ବାଇଆ ପକ୍ଷୀ ଖଣ୍ଡି
ଉଡାଦେବା ଶିଖିଲଣି,
ତଥାପି ଝୁଲୁଛି ଯନ୍ତା ମୃତ୍ୟୁର,
ଆସି ଛୁଇଁପାରେ କେବେ କେଉଁଠି ।

ବହୁତ ହୋଇଗଲା ହସି ହସାଇବାର
ମିଛ ପ୍ରତିଶୃତି,
ଆଖିରେ ରଙ୍ଗମାଖୀ କୃତ୍ରିମ ଅଭିନୟ ର
ବେଳା,
ସବୁକିଛି ନକଲି ରଙ୍ଗରେ ରଙ୍ଗା,
ସମ୍ପର୍କ ଏଠି ନିଲାମ ବାଟେ ଘାଟେ,
କାହିଁକି ଆଉ ଅଟକିବି ଏଠି ?
ମେଲାଣି ...ଦେଇପାର ଇଚ୍ଛାରେ ଅବା
ଅନିଚ୍ଛାରେ,
ହସି ହସି ଅବା ଗାଳି ଗୁଲଜରେ,
ତଥାପି ମତେ ଫେରିବାକୁ ହେବ,
ସେ ଅନନ୍ତ ପଥର ନୂଆ ଯାତ୍ରୀଟେ
ହୋଇ,
ସନ୍ଧାନ ଅମୃତର ଅବା ହଳାହଳ
ବିଷର,



ଭେଟିବାକୁ ପରମ ସତ୍ୟ-ଶିବ-
ସୁନ୍ଦରକୁ,
ଜୀବନର ଶେଷରେବି ହେଉପଛେ,
ଏବେ ଫେରିବାର ବେଳା ସନ୍ନିକଟ ।

ଶୂରଡିହ,ନନ୍ଦିପୁର,ଯାଜପୁର
ଦୂରଭାଷ -୯୭୭୬୨୦୮୯୩୦



# ଆଲିଆରୁ କିଆରା: ସଫଳତାର ପାହାଚ ଚଢୁଛନ୍ତି ଏହି ନାୟିକା

ନିଜର ପ୍ରଥମ ହାସ୍ୟୋଦ୍ଦୀପକ ହିନ୍ଦୀ ଚଳଚ୍ଚିତ୍ର 'ଫଗଲି'ରେ ଅଭିନୟ ଆରମ୍ଭ କରିଥିବା ବଲିଉଡ୍‌ର ଅଗ୍ରଣୀ ନାୟିକା ଆଲିଆ ଆଡଭାନି ଉଭୟ ସଫଳତା ଓ ବିଫଳତାର ପାହାଚ ଚଢ଼ି ନିଜକୁ ବେଶ୍ ପୋଖତ କରି ଚାଲିଛନ୍ତି। ୨୦୧୪ରେ ତାଙ୍କର ସେହି ପ୍ରଥମ ପଦାର୍ପଣ ବେଳକୁ ବଲିଉଡ୍‌ରେ ଆଲିଆ (ଭଟ୍ଟ) ଏକ ପରିଚିତ ନାମ ହୋଇସାରିଥିବାରୁ ଅଭିନେତା ସଲମାନ୍ ଖାଁଙ୍କ ପରାମର୍ଶ କ୍ରମେ ସେ ନିଜ ନାମ ବଦଳାଇ କିଆରା ରଖିଥିଲେ। ମୁମ୍ବାଇଠାରେ ୧୯୯୨ ଜୁଲାଇ ୩୧ରେ ଜନ୍ମିତ କିଆରା ୨୦୧୬ରେ 'ଏମ୍ ଏସ୍ ଧୋନି: ଦି ଅନ୍‌ଟୋଲ୍‌ଡ ଷ୍ଟୋରି'ରେ ଧୋନିଙ୍କ ପତ୍ନୀ ଭୂମିକାରେ ଅବତୀର୍ଣ୍ଣ ହୋଇ ବେଶ ଲୋକପ୍ରିୟ ହୋଇପାରିଥିଲେ। ଏହାପରେ ୨୦୧୭ରେ ତାଙ୍କ ଅଭିନୀତ ରୋମାଞ୍ଚଭରା ଚଳଚ୍ଚିତ୍ର 'ମେସିନ୍' ପୁଣି ବିଫଳତାର ସ୍ୱାଦ ଚଖାଇ ତାଙ୍କୁ କିଛି ମାତ୍ରାରେ ହତୋତ୍ସାହିତ କରିଥିଲା। ୨୦୧୮ରେ 'ଲଷ୍ଟ୍ ଷ୍ଟୋରିଜ୍' ମାଧ୍ୟମରେ ତାଙ୍କର ଓଟିଟି ପ୍ରବେଶ ଖୁବ୍ ଚର୍ଚ୍ଚିତ ହୋଇଥିଲା। ତା'ପରେ ହିଟ୍ ତେଲୁଗୁ ସିନେମା 'ଭାରତ ଆନେ ନେନୁ'ରେ କିଆରାଙ୍କ ସଂକ୍ଷିପ୍ତ ଭୂମିକା ଦର୍ଶକଙ୍କ ମନରେ କିଛି ଅଲିଭା ଛାପ ଛାଡ଼ିଥିଲା।

ସେହିପରି ସେହିବର୍ଷ ୟୋ ୟୋ ହନିସିଂହଙ୍କ ସଙ୍ଗୀତ ଆଲବମ୍ 'ଉର୍ବଶୀ'ରେ ଶାହିଦ କପୂରଙ୍କ ସହ କିଆରାଙ୍କ ଆବିର୍ଭାବ ବେଶ୍ ରୋଚକ ହୋଇଥିଲା। ଅଭିଷେକ ବର୍ମନ୍‌ଙ୍କ 'କଳଙ୍କ'ରେ ସେ ଏକ ବିଶେଷ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିଲେ।

ଏହା ଉଚ୍ଚ ପ୍ରଶଂସିତ ହେବା ସହ ତାଙ୍କର ପରବର୍ତ୍ତୀ ଆକର୍ଷଣ 'କବୀର ସିଂହ' ଅନୁରୂପ ଲୋକପ୍ରିୟତା ସାଉଁଟିଥିଲା। ସେହିପରି ୨୦୧୯ରେ ହାସ୍ୟରସାତ୍ମକ ଫିଲ୍ମ 'ଗୁଡ୍ ନିଉଜ୍'ରେ ମଧ୍ୟ କିଆରାଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା। ଗତବର୍ଷ ମୁକ୍ତିଲାଭ କରିଥିବା ଯୁଦ୍ଧ ସିନେମା 'ଶେରଶାହ'ରେ କିଆରାଙ୍କ ଅଭିନୟ ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଚଳିତବର୍ଷ ଖେଳିଥିବା 'ଭୁଲ ଭୁଲୈୟା-୨' ଓ 'ଯୁଗଯୁଗ ଜିଓ'ରେ କିଆରାଙ୍କ ଅଭିନୟକୁ ଦର୍ଶକ ମନଭରି ଉପଭୋଗ କରିଛନ୍ତି। ଏହିପରି ଭାବେ ୨୫ରୁ ଅଧିକ ହିନ୍ଦୀ ଓ ତେଲୁଗୁ ସିନେମାରେ ମିଶ୍ର ଅଭିଜ୍ଞତା ହାସଲ କରିଥିବା କିଆରାଙ୍କର ଆଗାମୀ ଫିଲ୍ମ 'ସତ୍ୟପ୍ରେମ କି କଥା' ଆସନ୍ତା ବର୍ଷ ମୁକ୍ତିଲାଭ କରିବାକୁ ଥିବା ବେଳେ ଏକ ତେଲୁଗୁ ଫିଲ୍ମର ସୁଟିଂରେ ଏବେ ସେ ବ୍ୟସ୍ତ ଅଛନ୍ତି।

# ହିନା ଖାନଙ୍କ ପୋଷ୍ଟକୁ ନେଇ ଚିନ୍ତାରେ ପ୍ରଶଂସକ



ହିନ୍ଦୀ ଟେଲି ଅଭିନେତ୍ରୀ ହିନା ଖାନ ଯେବେଠାରୁ ଇନଷ୍ଟା ଷ୍ଟୋରୀରେ ଧୋକାକୁ ନେଇ କ୍ରିପ୍ଟିକ ପୋଷ୍ଟ କରିଛନ୍ତି, ତାଙ୍କ ପ୍ରଂସଶକମାନେ ସନ୍ଦେହ କରୁଛନ୍ତି କି ଅଭିନେତ୍ରୀଙ୍କ ଲଭଲାଇଫରେ କିଛି ଗଡବଡ଼ି ଚାଲିଛି। ସୋସିଆଲ ମିଡିଆରେ ତାଙ୍କ ପ୍ରଂଶସକ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି କି ପ୍ରେମିକ ରକିଙ୍କ ସହ ହିନାଙ୍କ ସମ୍ପର୍କ ଭାଙ୍ଗିଛି କି ? ହିନା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ କରିଥିବା ପୋଷ୍ଟରେ ଲେଖିଛନ୍ତି, ପ୍ରତାରଣା ହିଁ ଏକମାତ୍ର ସତ୍ୟ ଅଟେ। ଯିଏ ତୁମକୁ ବିଶ୍ୱାସଘାତକତା କରେ, ତାହା ଉପରେ କେବେ ବି ଅନ୍ଧ ଭଳି ବିଶ୍ୱାସ କରିବା ପରେ ନିଜକୁ କ୍ଷମା କରିବାକୁ ଭୁଲିଯାଅ ନାହିଁ। ବେଳେବେଳେ ଭଲ ହୃଦୟ ଖରାପ ଜିନିଷ ଦେଖେ ନାହିଁ ।' ତେବେ ଏହି ପୋଷ୍ଟଗୁଡିକ ହିନା ଇନଷ୍ଟା ଷ୍ଟୋରୀରୁ ଡିଲିଟ୍ କରି ଦେଇଛନ୍ତି। କିନ୍ତୁ ତାଙ୍କ ପୋଷ୍ଟର ସ୍କ୍ରିନସଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ପ୍ରଶଂସକମାନେ କହୁଛନ୍ତି ଯେ ହିନା ଏବଂ ରକିଙ୍କ ମଧ୍ୟରେ ସମ୍ପର୍କ ବୋଧ ହୁଏ ଠିକ୍ ନାହିଁ । ଅନ୍ୟପକ୍ଷରେ, ଆଗାମୀ ପ୍ରୋଜେକ୍ଟକୁ ନେଇ ହିନା ଏପରି କହୁଥାଇ ପାରନ୍ତି ବୋଲି ବି କିଛିଲୋକେ କହୁଛନ୍ତି। ତେବେ ଏହି ପୋଷ୍ଟ ପଛର ବାସ୍ତବ ସତ୍ୟ କ'ଣ ତାହା ହିନା ହିଁ କହି ପାରିବେ।



# କାଷ୍ଟିଂକାଉଚକୁ ନେଇ ସାଉଥ ଅଭିନେତ୍ରୀ କୀର୍ତ୍ତି ସୁରେଶଙ୍କ ବଡ ବୟାନ

ସାଉଥ ଫିଲ୍ମର ଲୋକପ୍ରିୟ ଅଭିନେତ୍ରୀ କୀର୍ତ୍ତି ସୁରେଶ ନିଜର ଅଭିନୟ ଏବଂ ଲୁକ୍ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି । ସେ ସାଉଥର ଅନେକ ଫିଲ୍ମରେ ଅଭିନୟ କରିଥିବା ବେଳେ ତାଙ୍କର ସମସ୍ତ ଫିଲ୍ମ ସୁପର ହିଟ୍ ମଧ୍ୟ ହୋଇଛି । ବର୍ତ୍ତମାନ ସାଉଥ ଫିଲ୍ମ ଦ୍ରୁତ ଗତିରେ ଲୋକପ୍ରିୟ ହେଉଥିବା ବେଳେ ଅନେକ ଅଭିନେତା ଏବଂ ଅଭିନେତ୍ରୀ ଏହି ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରିବାକୁ ଚାହୁଁଛନ୍ତି । ଏହାରି ମଧ୍ୟରେ ଅଭିନେତ୍ରୀ କୀର୍ତ୍ତିଙ୍କ ଏକ ବୟାନ ସମସ୍ତଙ୍କୁ ଅଶ୍ଚର୍ଯ୍ୟ କରିଦେଇଛି । ତେବେ ସେ ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରୀରେ ହେଉଥିବା କାଷ୍ଟିଂ କାଉଚକୁ ନେଇ ଏକ ବଡ ବୟାନ ଦେଇଛନ୍ତି । ଯାହାକୁ ନେଇ ବର୍ତ୍ତମାନ ସବୁଠି ଚର୍ଚ୍ଚା ଜୋର ଧରିଛି । ସେ ଏକ ଇଣ୍ଟରଭିୟୁରେ ଏହାକୁ ନେଇ ନିଜର ଅନୁଭବ ସେୟାର କରିଛନ୍ତି । ତେବେ ତଲୁଗୁ ଫିଲ୍ମ ମହାନତୀ ପାଇଁ ୨୦୧୮ରେ ସର୍ବଶ୍ରେଷ୍ଠ ଅଭିନେତ୍ରୀର ରାଷ୍ଟ୍ରୀୟ ପୁରସ୍କାର ଜିତିଥିବା କୀର୍ତ୍ତି ସାଉଥ ଫିଲ୍ମରେ ହେଉଥିବା କାଷ୍ଟଂ କାଉଚ ନେଇ ନିଜର ବୟାନ ଦେଇଛନ୍ତି । ସେ କହିଛନ୍ତି ଆଜିବି ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଏହି କାଷ୍ଟିଂ କାଉଚ ରହିଛି । କାରଣ ମୋ ସହ କାମ କରିସାରିଥିବା ଅନେକ ଅଭିନେତ୍ରୀ ଏହି କାଷ୍ଟିଂ କାଉଚକୁ ନେଇ ନିଜର ଅନୁଭବ ବିଷୟରେ କହିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ମୁଁ ଏହିଭଳି ପରିସ୍ଥିତିର ସାମ୍ନା କରିନାହିଁ । ଏଥିସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ ମୁଁ ଲୋକଙ୍କ ସହ ଭଦ୍ର ବ୍ୟବହାର କରେ ଏବଂ ଯାହା କହେ ପୁରା ସ୍ପଷ୍ଟ ଭାବରେ କହେ । ସେଥିପାଇଁ ବୋଧ ହୁଏ ମୋ ସହ କେବେ କେହି ଏପରି ଖରାପ କିମ୍ବା ଭୁଲ ଢଙ୍ଗରେ କଥା ହୋଇ ନାହାନ୍ତିଁ କି ସେପରି କିଛି ମୋ ସହ କରିବାକୁ ଚିନ୍ତା କରି ନାହାନ୍ତି ।

ଏତତ୍ ବ୍ୟତୀତ ଅଭିନେତ୍ରୀ କୀର୍ତ୍ତି ଇଣ୍ଟରଭିୟୁରେ ସ୍ପଷ୍ଟ ଭାବରେ ଏହା ମଧ୍ୟ କହିଛନ୍ତି ଯେ ଭବିଷ୍ୟତରେ ଯଦି କୌଣସି ଫିଲ୍ମମେକର ମୋତେ ଏହିପରି ଅଫର ଦିଅନ୍ତି, ତେବେ ପରିସ୍ଥିତି ଯେମିତି ବି ଥାଉ ମୁଁ ଏହି ଅଫରକୁ ଗ୍ରହଣ କରିବି ନାହିଁ । ବରଂ ଫିଲ୍ମ ଇଣ୍ଡଷ୍ଟ୍ରୀ ଛାଡି କୌଣସି ଏକ କମ୍ପାନୀରେ ଚାକିରୀ କରିବାକୁ ମୁଁ ପସନ୍ଦ କରିବି । କିନ୍ତୁ କେବେବି ଏପରି ଅଫରକୁ ମୁଁ ଗ୍ରହଣ କରିବି ନାହିଁ ବୋଲି ସାଉଥ ଅଭିନେତ୍ରୀ କୀର୍ତ୍ତି ସୁରେଶ ନିଜର ମତ ଦେଇଛନ୍ତି ।

# ଅଭିନେତ୍ରୀଙ୍କ ଘରେ ହାଇ ଭୋଲ୍‌ଟେଜ୍ ଡ୍ରାମା : ବୋହୂ ବିରୋଧରେ ଭିଡିଓ ପୋଷ୍ଟ୍ କଲେ ଶାଶୂ



ପାକିସ୍ତାନର ଲୋକପ୍ରିୟ ଅଭିନେତ୍ରୀ ସବା ଫେସଲ୍‌ଙ୍କ ଘରେ ଚାଲିଛି ହାଇ ଭୋଲ୍‌ଟେଜ୍ ଡ୍ରାମା। ଆଜିକାଲି ତାଙ୍କ ଘରେ ଶାଶୂ-ବୋହୂ ଡ୍ରାମା ଖୁବ୍ ଦେଖିବାକୁ ମିଳୁଛି। ସବା ତାଙ୍କ ବୋହୂ ନେହା ମଲ୍ଲିକ ଓ ବଡ଼ ପୁଅ ସଲ୍‌ମାନ ଫେସଲଙ୍କ ସଂପର୍କରେ ଏକ ଭିଡିଓ ସେୟାର କରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରିଥିବା ଏକ ଭିଡିଓରେ ସେ କହିଛନ୍ତି ଯେ ତାଙ୍କ ଘରେ ତାଙ୍କ ବୋହୂ ନେହାଙ୍କ କାରଣରୁ ବହୁ ସମସ୍ୟା ଉପୁଜିଛି। ଯଦି ତାଙ୍କ ପୁଅ ତାଙ୍କ ପତ୍ନୀ ନେହାଙ୍କ ସହ ରାହିବାକୁ ଚାହାନ୍ତି ତ ତାହା ତାଙ୍କ ଉପରେ ନିର୍ଭର କରେ। ମାତ୍ର ସେ ନିଜ ପୁଅ, ବୋହୂଙ୍କ ସହ କୌଣସି ସଂପର୍କ ରଖିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।ସେ ଭିଡିଓରେ ବୋହୂ ନେହାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି କି ନେହାଙ୍କ ପରି ନେଗେଟିଭ୍ ଲୋକ ଯେଉଁ ବି ଖାନ୍‌ଦାନ୍‌କୁ ଆସିଯିବେ ସେଠାରେ ସଂପର୍କ ବିଗାଡ଼ି ଦେବେ। ସେ ଆହୁରି ବି କହିଛନ୍ତି ଯେ 'ମୁଁ ଗତ ୪ ବର୍ଷ ହେବ ଅନେକ ମୁସ୍‌କିଲ୍ ସହିଲିଣି। ଏ ସବୁ କିଛି କେବଳ ମୋ ପୁଅ କାରଣରୁ। ମୋ ବୋହୂ ନେହା ମୋତେ ବହୁତ କିଛି ଶୁଣାଇଛି, ମୋ ଝିଅକୁ ବି ଶୁଣାଇଛି। ହେଲେ ମୁଁ ଏବେ ଆଉ ସହ୍ୟ କରିବିନି। ମୁଁ, ମୋ ସ୍ୱାମୀ, ମୋ ଝିଅ ଓ ମୋ ସାନ ପୁଅଙ୍କ ଆଉ ସେ ସ୍ୱାମୀ ସ୍ତ୍ରୀଙ୍କ ସହ କୌଣସି ସଂପର୍କ ନାହିଁ।'

# ବର୍ଷର ଶ୍ରେଷ୍ଠ ମନୋରଞ୍ଜନକାରୀ 'ବ୍ଲାକ୍‌ପିଙ୍କ'

'ବ୍ଲାକ୍‌ପିଙ୍କ' ନାମକ କୋରିଆନ୍-ପପ୍ ଗ୍ରୁପ୍‌କୁ 'ଟାଇମ୍' ପତ୍ରିକା ପକ୍ଷରୁ ୨୦୨୨ ମସିହାର ଶ୍ରେଷ୍ଠ ମନୋରଞ୍ଜନକାରୀ ରୂପେ ମନୋନୀତ କରାଯାଇଛି। ସାରା ପୃଥିବୀରେ 'ବ୍ଲାକ୍‌ପିଙ୍କ' ଅର୍ଜନ କରିଥିବା 'ସୁପହଷ୍ଟାହଡମ୍' ଏବଂ ସଂଗୀତ କ୍ଷେତ୍ରକୁ ଏହାର ଅବଦାନ ପାଇଁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଦକ୍ଷିଣ କୋରିଆର ସଂଗୀତ ପ୍ରଯୋଜନା ସଂସ୍ଥା 'ଓ୍ୱାଇଜି ଏଣ୍ଟରଟେନ୍‌ମେଣ୍ଟ' ତାରକାସୁଲଭ ଦକ୍ଷତା ଥିବା ଜେନି, ଜିସୁ, ଲିସା ଓ ରୋଜିଙ୍କୁ ନେଇ ୨୦୧୬ରେ ଏହି କେ-ପପ୍ ବ୍ୟାଣ୍ଡ୍ ଗଢ଼ିଥିଲା। ଚାରିଜଣ ଝିଅ ଭିନ୍ନ ଭିନ୍ନ ସଂସ୍କୃତିରୁ ଆସିଛନ୍ତି। ଗାୟିକା ରୋଜି ନ୍ୟୁଜିଲାଣ୍ଡ୍‌ରେ ଜନ୍ମ ହୋଇ ଅଷ୍ଟ୍ରେଲିଆରେ ବଢ଼ିଥିଲେ।

ନୃତ୍ୟାଙ୍ଗନା ଲିସା ଥାଇଲାଣ୍ଡ୍‌ରୁ ଆସିଛନ୍ତି। ସେହିପରି ଦକ୍ଷିଣ କୋରିଆରେ ଜନ୍ମିତା ଜେନି ନ୍ୟୁଜିଲାଣ୍ଡ୍‌ରେ ବଡ଼ ହୋଇଥିଲେ। କେବଳ ଗାୟିକା ଜିସୁ ଦକ୍ଷିଣ କୋରିଆରେ ଜନ୍ମ ହୋଇ ବଡ଼ ହୋଇଛନ୍ତି। ଲୋକଲୋଚନକୁ ଆସିବାର ଖୁବ୍ କମ୍ ସମୟରେ 'ବ୍ଲାକ୍‌ପିଙ୍କ' ଅନ୍ତର୍ଜାତୀୟ ପ୍ରସିଦ୍ଧି ଅର୍ଜନ କରିଥିଲା। ଏବେ ଏହା ବିଶ୍ୱର ସବୁଠାରୁ ସଫଳ ମହିଳା ସଂଗୀତ ଗ୍ରୁପ୍ ଭାବେ ପରିଗଣିତ।

ଉଲ୍ଲେଖଯୋଗ୍ୟ ଯେ ଏହି ଗ୍ରୁପ୍ ଏକାଧିକ ଗିନିସ୍ ବୁକ୍ ରେକର୍ଡର ଅଧିକାରୀ। 'ଟାଇମ୍' ପତ୍ରିକାର ଶ୍ରେଷ୍ଠ ମନୋରଞ୍ଜନକାରୀ ହେବାରେ 'ବ୍ଲାକ୍‌ପିଙ୍କ' ହେଉଛି ଦ୍ୱିତୀୟ କେ-ପପ୍ ଗୋଷ୍ଠୀ। ଏହା ପୂର୍ବରୁ ୨୦୨୦ରେ 'ବିଟିଏସ୍' ଏହି ସମ୍ମାନଜନକ ସ୍ୱୀକୃତି ହାସଲ କରିଥିଲା।



# ଆସିଲା 'ପଠାନ'ର ନୂଆ ପୋଷ୍ଟର: ରାଗିଗଲେ ଫ୍ୟାନ୍



ଲମ୍ବା କେଶ ଆଉ କିଲର୍ ଅନ୍ଦାଜ। କିଙ୍ଗ ଖାନ୍ ଶାହାରୁଖଙ୍କ ନୂଆ ଲୁକ୍ ଆଉ ନୂଆ ସ୍ୱାଗ୍। ରିଲିଜ ହୋଇଥିବା ଫିଲ୍ମ ପଠାନ୍‌ର ନୂଆ ପୋଷ୍ଟରରେ ଦେଖିବାକୁ ମିଳିଛି ଶାହାରୁଖଙ୍କ କିଛି ଏଭଳି ଲୁକ୍। କିଙ୍ଗ ଖାନ୍‌ଙ୍କ ଏହି କିଲର୍ ଲୁକ୍ ଦେଖି ତାଙ୍କର ଫ୍ୟାନ୍‌ମାନେ ଦିଓ୍ୱାନା ହୋଇଯାଇଛନ୍ତି। ସେପଟେ ଆଉ କିଛି ଫ୍ୟାନ୍ ଶାହାରୁଖଙ୍କ ଏହି ଲୁକ୍‌କୁ ଦେଖି ରାଗି ଯାଇଛନ୍ତି। ଶାହାରୁଖ ଖାନଙ୍କ ପ୍ରଶଂସକମାନେ ତାଙ୍କ ଅପ୍‌କମିଂ ଫିଲ୍ମ ପଠାନକୁ ନେଇ ଅତ୍ୟଧିକ ଉତ୍ସାହିତ ଅଛନ୍ତି। କେବେ ଫିଲ୍ମ ରିଲିଜ ହେବ ସେ ନେଇ ଫ୍ୟାନ୍‌ମାନେ ଦିନ ଗଣୁଛନ୍ତି। ଫିଲ୍ମ ପଠାନରୁ ଶାହାରୁଖଙ୍କ ଅନେକ ଲୁକ୍ ଆଉ ପୋଷ୍ଟର ରିଲିଜ ହୋଇସାରିଛି। କିନ୍ତୁ ଏବେ ଯେଉଁ ପୋଷ୍ଟର୍ ରିଲିଜ ହୋଇଛି ତାକୁ ନେଇ ଫ୍ୟାନ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶାହାରୁଖଙ୍କ ନୂଆ ଲୁକ୍ କିଛି ଫ୍ୟାନ୍‌ମାନଙ୍କୁ ପସନ୍ଦ ଆସିନାହିଁ। ଫିଲ୍ମର ଗୀତ କେବେ ରିଲିଜ ହେବ ବୋଲି ଫ୍ୟାନ୍‌ମାନେ ପ୍ରଶ୍ନ କରିଛନ୍ତି। ଗୀତ ରିଲିଜରେ କାହିଁକି ବିଳମ୍ବ ହେଉଛି କହି ଫିଲ୍ମର ମେକର୍ସ ଉପରେ ସେମାନେ ନିଜ କ୍ରୋଧ ପ୍ରକାଶ କରିଛନ୍ତି। ଆସନ୍ତା ବର୍ଷ ଜାନୁଆରୀ ୨୫ ତାରିଖରେ ପରଦାକୁ ଆସିବ ଶାହାରୁଖଙ୍କ ଫିଲ୍ମ ପଠାନ। ତେବେ ଏହା ପୂର୍ବରୁ ମେକର୍ସ ଫିଲ୍ମର ନୂଆ ପୋଷ୍ଟର ଶେଆର କରି କ୍ୟାପସନରେ ଲେଖିଛନ୍ତି ଗେଟ୍ ସେଟ୍ ବୁମ୍...। ଫିଲ୍ମରେ ଅଭିନେତା ଶାହାରୁଖ ଖାନ୍ ଲିଡ୍ ରୋଲ୍‌ରେ ଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଦୀପିକା ପାଦୁକୋନ୍ ଓ ଜନ୍ ଅବ୍ରାହମ ନଜର ଆସିବେ।

# ଚାଲିଗଲେ ମନୋଜ ବାଜପେୟୀଙ୍କ ମା'



ଆଉ ନାହାନ୍ତି ବଲିଉଡର ଭର୍ସଟାଇଲ ଅଭିନେତା ମନୋଜ ବାଜପେୟୀଙ୍କ ମା'। ଆଜି ସକାଳୁ ଗୀତା ଦେବୀଙ୍କ ଦେହାନ୍ତ ହୋଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଥିଲା। ଏହାପରେ ତାଙ୍କୁ ତୁରନ୍ତ ଦିଲ୍ଲୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ଆଜି ସକାଳୁ ହିଁ ଅଭିନେତା ମନୋଜ ବାଜପେୟୀଙ୍କ ମା' ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମା'ଙ୍କ ମୃତ୍ୟୁ ପରେ ମନୋଜ ସମେତ ତାଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏନେଇ ଅଶୋକ ପଣ୍ଡିତ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ ଟ୍ୱିଟ୍ କରି ମନୋଜ ବାଜପେୟୀଙ୍କ ମା'ଙ୍କ ଦେହାନ୍ତ ଖବରକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସୂଚନା ମୁତାବକ, କିଛି ଦିନ ପୂର୍ବେ ଗୀତା ଦେବୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିଲା। ଡାକ୍ତରଙ୍କ ଦେଖାରେଖାରେ ସେ ସୁସ୍ଥ ଅନୁଭବ କରୁଥିଲେ। କିନ୍ତୁ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ବିଗିଡି ଯାଇଥିଲା। ଏହାପରେ ତାଙ୍କର ଦେହାନ୍ତ ହୋଇଛି। ହସ୍ପିଟାଲରେ ମା'ଙ୍କୁ ଦେଖା କରିବାକୁ ମନୋଜ ପ୍ରତିଦିନ ଯାଉଥିଲେ। ନିଜ ଶୁଟିଂରୁ ସମୟ ବାହାର କରି ମା'ଙ୍କୁ ଦେଖା କରିବା ସହ ତାଙ୍କ ହାଲଚାଲ ପଚାରୁଥିଲେ। ରିପୋର୍ଟ ଅନୁଯାୟୀ, ଅଭିନେତା କିଛି ଦିନ ପୂର୍ବରୁ ହିଁ ନିଜ ବାପାଙ୍କୁ ହରାଇଥିଲେ। ମନୋଜ ନିଜ ବାପା-ମା'ଙ୍କ ବେଶ୍ ନିକଟତର ଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, ୦୮/୧୧ (ନି.ପ୍ର): ସରକାରୀ ଚାକିରିରୁ ଅବସରଗ୍ରହଣ କରିଥିବା ସୂଚନା ଓ ଲୋକ ସଂପର୍କ ବିଭାଗର ବରିଷ୍ଠ ଗାଡ଼ି ଚାଳକ(ଡ୍ରାଇଭର) ସୁକାନ୍ତ କୁମାର ପାତ୍ରଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ପାତ୍ର ଗତ ନଭେମ୍ବର ୩୦ ତାରିଖରୁ ଅବସରଗ୍ରହଣ କରିଥିଲେ । ବିଭାଗର କର୍ମଚାରୀ କଲ୍ୟାଣ ସମିତି ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ଅବସରଗ୍ରହଣ କରିଥିବା ଏହି ବରିଷ୍ଠ କର୍ମଚାରୀଶ୍ରୀ ପାତ୍ରଙ୍କୁ ଶ୍ରୀମଦ୍ ଭଗବତ୍ ଗୀତା ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ କହିଲେ ଯେ, ନିଷ୍ଠାପର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସମସ୍ତେ ଭଲ ପାଆନ୍ତି । ଗାଡି ଚାଳକମାନଙ୍କୁ ଗାଡି ଚାଳନା କରିବା ପାଇଁ ମାନସିକ ଭାବରେ ପ୍ରସ୍ତୁତ ହେବାକୁ ପଡିଥାଏ । ବିଶେଷ କରି ସରକାରୀ କାର୍ଯ୍ୟ ସଂପାଦନ କରିବା ବେଳେ ସେମାନଙ୍କୁ ବେଳେ ବେଳେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡିଥାଏ । ଶ୍ରୀ ପାତ୍ର ଜଣେ ଦକ୍ଷ ଗାଡି ଚାଳକ ଥିବା ସହିତ ନିଷ୍ଠାର ସହିତ ନିଜ ଦାୟିତ୍ୱ ସମ୍ପାଦନ କରୁଥିଲେ ବୋଲି ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ପ୍ରକାଶ କରିବା ସହିତ ଭଲ ଡ୍ରାଇଭରମାନଙ୍କ କାର୍ଯ୍ୟ ସର୍ବଦା ପ୍ରଶଂସନୀୟ ବୋଲି କହିଥିଲେ । ସୂଚନା ଯୋଗ୍ୟ ଯେ, ଅବସରଗ୍ରହଣ କରିବା ଦିନ ଶ୍ରୀ ପାତ୍ରଙ୍କୁ ସରକାରଙ୍କ ତରଫରୁ ଅବସରକାଳୀନ ପ୍ରୋଭିଜନାଲ ପେନସନ ପ୍ରଦାନ କରାଯାଇଛି । ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକଶ୍ରୀ ସନ୍ତୋଷ କୁମାର ଦାସଏବଂ କର୍ମଚାରୀ କଲ୍ୟାଣ ସମିତିର ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଅବସରଗ୍ରହଣ କରିଥିବା କର୍ମଚାରୀ ଶ୍ରୀ ପାତ୍ର, ଜଣେ ଶୃଙ୍ଖଳିତ ଓ ସମୟାନୁବର୍ତୀ ଗାଡି ଚାଳକ ଥିଲେ ବୋଲି ପ୍ରକାଶ କରିବା ସହିତ ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । କାର୍ଯ୍ୟକ୍ରମରେ ବିଭାଗର ଯୁଗ୍ମ ଶାସନ ସଚିବ, ବିଭିନ୍ନ ଶାଖାର ଯୁଗ୍ମ ନିର୍ଦ୍ଦେଶକ,ଉପ ନିର୍ଦ୍ଦେଶକ ଏବଂ ଉପ ଶାସନ ସଚିବଙ୍କ ସମେତ ବିଭିନ୍ନ ଶାଖାର ଅନ୍ୟ ପଦାଧିକାରୀ ଓ କର୍ମଚାରୀ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ

ଗଂଜାମ , ୦୮/୧୧ (ନି.ପ୍ର): - ବ୍ରହ୍ମପୁର ସ୍ଥାନୀୟ ଆମ୍ବପୁଆ ସ୍ଥିତ ଗଂଜାମ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସରୋଜ ସାମନ୍ତଙ୍କ ତତ୍ତ୍ୱବଧାନରେ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ମଧୁସୁଦନ ଆଇନ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଡଃ କମଳ ଜିତ୍ ସିଂହ ଓ ସମ୍ମାନୀୟ ଅତିଥି ପ୍ରଫେସର ଡଃ ସୁକାନ୍ତ କୁମାର ନନ୍ଦ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱାଗତ ସମାରୋହ ଆରମ୍ଭ କରିଥିଲେ । ଗଂଜାମ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସରୋଜ କୁମାର ସାମନ୍ତ ଗଂଜାମ ଆଇନ ମହାବିଦ୍ୟାଳୟ ସମ୍ବନ୍ଧୀୟ ଉପରେ ବିବରଣୀ ଦେଇଥିଲେ । ନିର୍ଦ୍ଦେଶକ ପ୍ରଫେସର ଡଃ ବିନାୟକ ପଟ୍ଟନାୟକ ଆଇନ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀ ମାନଙ୍କୁ ସମର୍ପଣ, ସମୟାନୁବର୍ତ୍ତିତା, ସଚ୍ଚୋଟ ମନଭାବ ଉପରେ ଛାତ୍ର ଛାତ୍ରୀ ମାନଙ୍କ ଉପରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥି ସମ୍ବିଧାନ ଉପରେ ତାଙ୍କ ଅଭିଭାଷଣ ରଖିଥିଲେ । ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ ଓ ପୁରସ୍କାର ବିତରଣ କରାଯାଇଥିଲା । ଏହିସମାରୋହକୁ ଅଧ୍ୟାପିକା ମନିଷା ବିଶ୍ୱାଳ ପରିଚାଳନା କରିଥିଲେ ଅଧ୍ୟାପକ ଡଃ ତ୍ରିଲୋଚନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ମନୋଜ କୁମାର ସାମନ୍ତ ଅଧ୍ୟାପିକା ସୁଦାତା ରଥ ଓ ଛାତ୍ର ଛାତ୍ରୀ ମାନେ ଏହି ସମାରୋହରେ ସହଯୋଗ କରିଥିଲେ ।

# ଧାରଣାରେ ବସିଥବା ଅଙ୍ଗନବାଡିକର୍ମୀ ଏବଂ ଆଶାକର୍ମୀଙ୍କୁ ଭେଟି ସେମାନଙ୍କୁ ସମର୍ଥନ ଜଣାଇଲା କଂଗ୍ରେସ

ମାଲକାନଗିରି, ୦୮/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କଂଗ୍ରେସ ଜିଲ୍ଲା ସଦର ମହକୁମାରେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥବା ଅଙ୍ଗନବାଡିକର୍ମୀ ଏବଂ ଆଶାକର୍ମୀଙ୍କୁ ଭେଟି ସେମାନଙ୍କୁ ସମର୍ଥନ ଜଣାଇଛନ୍ତି । ଏନେଇ କଂଗ୍ରେସ ତରଫରୁ ସରକାରଙ୍କୁ ଘେରାଯିବ ବୋଲି ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର ଧମକ ଦେଇଛନ୍ତି । ତୃଣମୂଳସ୍ତରରେ ଏହି ଦୁଇ ମହିଳା କର୍ମଚାରୀମାନେ କାମ କରି ଜିଲ୍ଲାର ବହୁ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଛନ୍ତି ସରକାର ଏମାନଙ୍କର ନ୍ୟାର୍ଯ୍ୟ ଦାବିକୁ ତୁରନ୍ତ ପୂରଣ କରନ୍ତୁ ବୋଲି କଂଗ୍ରେସ ଦାବି କରିଥିଲା । ଏହାପରେ ଜିଲ୍ଲା କଂଗ୍ରେସ ତରଫରୁ ସିଡିଏମଓଙ୍କୁ ଭେଟି ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାର ଉପଚାର କରିବା ସହ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ପ୍ଲେଟଲେଟ ମେସିନ ବସାଇବା ପାଇଁ ଦାବି କରାଯାଇଥିଲା । ଜିଲ୍ଲାର ଡେଙ୍ଗୁ ରୋଗି କୋରାପୁଟ ମେଡିକାଲ ସହ ବାହାର ରାଜ୍ୟର ମେଡିକାଲକୁ ଯିବାକୁ ବାଧ ହେଉଛନ୍ତି । ତେଣୁ ତୁରନ୍ତ ଦାବି ପୂରଣ କରାଯାଉ ବୋଲି କଂଗ୍ରେସ କହିଥିଲା । ଏହି ଦାବି ଗୁଡିକ ଉପସ୍ଥାପନା ବେଳେ କଂଗ୍ରେସର ଜି. ଶ୍ରୀନୀବାସ ରାଓ, ପ୍ରାଣକୃଷ୍ଣ ମଣ୍ଡଳ, ସରୋଜ ପାତ୍ର, ଇର୍ମା ପଡିଆମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁରରେ ନିଯୁକ୍ତି ମେଳା ଅନୁଷ୍ଠିତ

ଜୟପୁର , ୦୮/୧୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ନିଯୁକ୍ତି ମେଳା ଉଦଘାଟନ କରିଲେ । ସମ୍ମାନିତ ଅତିଥି ଭାବେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ତିଲୋତମା ମୁଦୁଲି, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ.ବିଡିଓ ରାଜୀବ ଦାସ ଜିଲା ଶ୍ରମ ନିୟୋଜନ ଅଧିକାରି ଶୁଭେନ୍ଦୁ ମିଶ୍ର ଉପସ୍ଥିତ ଥିଲେ ।

# କୋଭିଡ୍ ପାଇଁ କମିଗଲା ପରିବାରର ଖାଦ୍ୟ ଖର୍ଚ୍ଚ



ଭୁବନେଶ୍ୱର , ୦୮/୧୧ (ନି.ପ୍ର): କୋଭିଡ୍ ମହାମାରୀ ପାଇଁ ରାଜ୍ୟରେ ପରିବାରର ଖାଦ୍ୟ ଖର୍ଚ୍ଚ ହ୍ରାସ ପାଇଛି । ଏପରିକି ମହିଳାଙ୍କ ପାଇଁ ଆବଶ୍ୟକ ଜରୁରୀ ଖାଦ୍ୟ ବିବିଧତା ୨୦୧୯ ତୁଳନାରେ ୨୦୨୦ ମସିହାରେ ଯଥେଷ୍ଟ ହ୍ରାସ ପାଇଥିବା ନଜରକୁ ଆସିଛି । ଏଥିରେ ମୁଖ୍ୟତଃ ମାଂସ, ଅଣ୍ଡା, ପନିପରିବା ଓ ଫଳ ଇତ୍ୟାଦି ରହିଛି । ନିକଟରେ ରାଜ୍ୟ ସରକାରଙ୍କ 'କୋଭିଡ-୧୯ ଓ ଓଡ଼ିଶାରେ ପୋଷଣ-ଭବିଷ୍ୟତରେ କ'ଣ ରହିବ' ସଂପର୍କିତ ରିପୋର୍ଟରୁ ସୂଚନା ମିଳିଛି ।

ୟୁନିସେଫ୍ ସହାୟତାରେ ପ୍ରସ୍ତୁତ ହୋଇଥିବା ୨୪୨ ପୃଷ୍ଠାର ଏହି ରିପୋର୍ଟରେ କୋଭିଡ ଓ ବାତ୍ୟା କିଭଳି ରାଜ୍ୟରେ ଶିଶୁ ଓ ମହିଳାଙ୍କ ଖାଦ୍ୟ ଓ ପୋଷଣ ଭିତ୍ତିକ ସୁରକ୍ଷା ଉପରେ ପ୍ରଭାବ ପକାଇଥିଲା ତାହା ସଂପର୍କରେ ଉଲ୍ଲେଖ ରହିଛି । ଏଥିରେ ଆଇରନ ଓ ଫଲିକ୍ ଏସିଡ୍(ଆଇଏଫ୍ଏ) ବଟିକା ବିତରଣ ଓ ଅପହଞ୍ଚ ଅଞ୍ଚଳରେ ମଧ୍ୟାହ୍ନ ଭୋଜନ ଭଳି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିବା କୁହାଯାଇଛି । ରିପୋର୍ଟ ଅନୁସାରେ, କୋରାପୁଟ, ଗଜପତି, ସୋନପୁର, ରାୟଗଡ଼ା ଓ ଦେବଗଡ଼ ଜିଲ୍ଲା ଏସବୁ ସେବା ପ୍ରଦାନ କ୍ଷେତ୍ରରେ ଆଗରେ ରହିଛି । ମାତ୍ର ଖୋର୍ଦ୍ଧା, ଝାରସୁଗୁଡ଼ା, କଟକ, ମୟୂରଭଞ୍ଜ ଓ ଅନୁଗୁଳ ସେବା ପ୍ରଦାନରେ ପଛରେ ରହିଛନ୍ତି ।

କୋରାପୁଟ ଜିଲ୍ଲାରେ ୯୫ପ୍ରତିଶତ ହିତାଧିକାରୀ ଆଇଏଫ୍ଏ ବଟିକା ପାଇଥିବା ବେଳେ ୯୭.୪ ପ୍ରତିଶତ ଶିଶୁଙ୍କ ନିୟମିତ ଓଜନ ମାପ ହୋଇପାରିଛି । ୮୪.୬ ପ୍ରତିଶତ ମା'ମାନେ ୪ଥର ଏଏନ୍ସି ସେବା ପାଇପାରିଛନ୍ତି । ତେବେ ଖୋର୍ଦ୍ଧା ଜିଲ୍ଲାରେ ୭୬.୯ ପ୍ରତିଶତ ହିତାଧିକାରୀ ଆଇଏଫ୍ଏ ବଟିକା, ୮୯.୭ ପ୍ରତିଶତ ଶିଶୁଙ୍କ ଓଜନ, ୬୫.୬ ପ୍ରତିଶତ ମା'ଙ୍କୁ ଏଏନ୍ସି ସେବା ଦିଆଯାଇଛି । ଜିଲ୍ଲାରେ ହାରହାରି କୋଭିଡ ସଂକ୍ରମଣ ହାର(ଟିପିଆର) ୪.୭୫ ପ୍ରତିଶତ ଥିବା ବେଳେ ଜିଲ୍ଲାରେ ୩.୨୫ ପ୍ରତିଶତ ଶିଶୁ କମ୍ ଓଜନର ରହିଛନ୍ତି । କେବଳ ମହାମାରୀ ନୁହେଁ, ବାତ୍ୟା 'ୟାସ୍' ଯୋଗୁଁ ରାଜ୍ୟରେ କୁକୁଡ଼ା, ଦୁଗ୍ଧ ଓ ଅନ୍ୟାନ୍ୟ ପଶୁପାଳନ ବ୍ୟବସ୍ଥା ମଧ୍ୟ ଯଥେଷ୍ଟ କ୍ଷତି ହୋଇଛି । କୋଭିଡ ଲକ୍ଡାଉନ୍ ପାଇଁ ଖାଦ୍ୟ ଗ୍ରହଣ ପ୍ରକ୍ରିୟା, ସବ୍ସିଡିଯୁକ୍ତ ଖାଦ୍ୟର ମାତ୍ରାଧିକ ବ୍ୟବହାର ପାଇଁ ରାଜ୍ୟର ଗରିବ ପରିବାରରେ ପୋଷଣଜନିତ ଅନିୟମିତତା ସୃଷ୍ଟି କରିଛି । ତେବେ ସରକାର ଓ ସେବା ପ୍ରଦାନ କାରୀଙ୍କ ସଂସ୍ଥାଙ୍କ ମଧ୍ୟରେ କୋଭିଡ ପାଇଁ ସୃଷ୍ଟି ହୋଇଥିବା ପୁଷ୍ଟିକର ସମସ୍ୟାର ବିସ୍ତୃତ ଅନୁଶୀଳନ କରାଯାଇଥିବା ସୂଚନା ମିଳିଛି ।

# ରାଜ୍ୟସ୍ତରୀୟ ପରବ ନିମନ୍ତେ ଚିତ୍ରକଳା ପ୍ରତିଯୋଗିତା

ଜୟପୁର, ୦୮/୧୧ (ନି.ପ୍ର): ଜୟପୁର ଟାଉନ ହଲଠାରେ ରାଜ୍ୟ ସ୍ଥରୀୟ ପରବ-୨୦୨୨ ନିମନ୍ତେ ଚିତ୍ର କାଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ କନିଷ୍ଠ ବିଭାଗ, ବରିଷ୍ଠ ବିଭାଗ ଓ ସର୍ବ କନିଷ୍ଠ ବିଭାଗର ଛାତ୍ର ଛାତ୍ରୀ ବିଭିନ୍ନ ବ୍ଲକରୁ ଉନ୍ନୀତ ହୋଇ ୭୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇ ଥିଲେ । ଜୟପୁର, ବୋରିଗୁମ୍ମା, କୁନ୍ଦୁରା, ନାରାୟଣପଟଣା, କୋରାପୁଟ, ସେମିଳିଗୁଡା, ନନ୍ଦପୁର, ଲକ୍ଷ୍ମୀପୁର ବ୍ଲକରୁ ଛାତ୍ର ଛାତ୍ରୀ ଭାଗ ନେଇ ଥିଲେ । ଏହି ପ୍ରତିଯୋଗିତାରେ (କନିଷ୍ଠ ବିଭାଗରେ- ପ୍ରଥମ ସ୍ଥାନ- ଶାଶ୍ୱତୀ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୋରାପୁଟ, ଦ୍ୱିତୀୟ ସ୍ଥାନ-ଅନ୍ୱେଷା ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟ ତୃତୀୟ ସ୍ଥାନ-ବିରେନ୍ଦ୍ର କୁମାର ଭତ୍ରା, ସରକାରୀ ଉଚ୍ଛ ପ୍ରାଥମିକ ବିଦ୍ୟାଳୟ, ବୋରିଗୁମ୍ମା), (ବରିଷ୍ଠ ବିଭାଗ- ପ୍ରଥମ ସ୍ଥାନ- ସୁରେନ୍ଦ୍ର ଖିଲ, ସରକାରୀ ଉଚ୍ଛ ବିଦ୍ୟାଳୟ, ଜୟପୁର ଦ୍ୱିତୀୟ ସ୍ଥାନ- ବିଳାସୀ ସାନ୍ତା, ସରକାରୀ ବାଳିକା ବିଦ୍ୟାଳୟ, କାଉଡିଆଗୁଡା, କୁନ୍ଦୁରା, ତୃତୀୟ ସ୍ଥାନ- ପ୍ରଫୁଲ୍ଲ ସାନ୍ତା, ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର) (ସର୍ବ ବରିଷ୍ଠ ବିଭାଗ ପ୍ରଥମ ସ୍ଥାନ- ଅନ୍ତାରାମ ସାନ୍ତା, ୨ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର, ଦ୍ୱିତୀୟ ସ୍ଥାନ- ଯୋଗେଶ୍ୱର ସବର ୨ ୨ୟବର୍ଷ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର ତୃତୀୟ ସ୍ଥାନ- ଶ୍ରାବଣୀ ଦିଗାଲ, ୩ ୨ୟ ବର୍ଷ, ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର) ଉନ୍ନୀତ ହୋଇଛନ୍ତି । ଏହି ପ୍ରତିଯୋଗିତାକୁ ଦାଶ ମୁର୍ମୁ, ଉପଦେଷ୍ଟା ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର ଓ ଶ୍ରୀ କେଶବ ଖରା, ଆର୍ଟ ଗେଲେରୀ, କୋରାପୁଟ ବିଚାରକ ଭାବେ ଉପସ୍ଥିତ ଥିଲେ । ଅନ୍ୟାନ୍ୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ଯଶୋଦା ଗାଦବା, କେ. ସୁନିଲ କୁମାର ରାଓ, ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ଜୟପୁର, ରାମ ଖରା ଆର୍ଟ ଗେଲେରୀ ଜୟପୁର ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୦୯.୧୨.୨୦୨୨ରିଖ ଦିନ ଚିତ୍ର କଳା ପ୍ରଦର୍ଶନୀ ହେବ ଓ ଉନ୍ନୀତ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ।

# କୋଶଲ ରାଜ୍ୟର ନାରାରେ କମ୍ପିଲା ସୁବର୍ଣ୍ଣପୁର

ସୁବର୍ଣ୍ଣପୁର , ୦୮/୧୧ (ନି.ପ୍ର): କୋଶଲ ରାଜ୍ୟ ଦାବି ନେଇ ପୁଣ୍ୟପୀଠ ହରିଶଙ୍କରରୁ ବାହାରି ଥିବା ପଦଯାତ୍ରା ମଙ୍ଗଳବାର ସନ୍ଧ୍ୟାରେ ସୋନପୁରରେ ପହଂଚିଥିଲା । ୨୮ ଜଣ ଯୁବକ ବ୍ଲକ ଛକରେ ପହଂଚିବା ପରେ ସ୍ୱତନ୍ତ୍ର କୋଶଲ ରାଜ୍ୟ ଦାବିରେ କମ୍ପି ଉଠିଥିଲା ସମଗ୍ର ପରିବେଶ । ଏଠାରେ କୋଶଲ ସାହିତ୍ୟ-ସଂସ୍କୃତି ପରିଷଦ ପକ୍ଷରୁ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର କାର୍ଯ୍ୟାଳୟଠାରେ ବରିଷ୍ଠ ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ବରିଷ୍ଠ କୋଶଲବାଦୀ ନେତା ତଥା ସାମ୍ବାଦିକ ଗୋରେଖ ନାଥ ସାହୁ କୋଶଲ ଆନ୍ଦୋଳନର ଯାତ୍ରା ନେଇ ତାଙ୍କ ଅନୁଭୂତି ବାଂଟିଥିଲେ । ପ୍ରଫେସର ମୀନା ମହାରଣାଙ୍କ ଆବେଗଭରା ଉଦ୍ ?ବୋଧନ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଥିଲା । ଚଙ୍ଗରିଆ ସରପଂଚ ତଥା ବରିଷ୍ଠ କୋଶଲବାଦୀ ନେତା ସୁଶୀଳ କୁମାର ଗୁରୁ, ଆଇନଜୀବୀ ସୁବାସ ଆଚାର୍ଯ୍ୟ, ଯୁବରାଜ ବଘାର ପ୍ରମୁଖଙ୍କ ନେତୃତ୍ୱରେ ୨୮ ଜଣ ଯୁବକ ପଦଯାତ୍ରାରେ ବାହାରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ବେଣୁଧର ପ୍ରଧାନ, ମନୋଜ ବାରିକ, ପ୍ରିୟବ୍ରତ ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆରତି ଖମାରୀ, ଶେଷଦେବ ମେହେର, ବିଘ୍ନରାଜ ପଣ୍ଡା, ପଦ୍ମଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ କୋଶଲ ସପକ୍ଷବାଦୀ ସଂଗଠନକୁ ଏକତ୍ର କରି ଖୁବ୍ ଶୀଘ୍ର ସୋନପୁରରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର ଘୋଷଣା କରିଛନ୍ତି ।

# ଜି ଉଦୟଗିରି ପୋଲିସ ପକ୍ଷରୁ ସେଚ୍ଛାକୃତ ରକ୍ତ ଦାନ ଶିବିର ୫୪ ୟୁନିଟ ସଂଗୃହିତ

କନ୍ଧମାଳ, ୦୮/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଘୁ ଉଦୟଗିରି ପୋଲିସ ସହାୟତାରେ ଆଜି ସ୍ଥାନୀୟ ଟାଉନ ହଲ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୫୪ ଜଣ ରକ୍ତ ଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିର ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରି ଡ଼. ଜୟଦୀପ ଘୋଷଙ୍କ ତତ୍ୱାବଧାନରେ କର୍ମଚାରୀ ଦୀନକୃଷ୍ଣ ମହନ୍ତ, ପ୍ରଶାନ୍ତ କୁମାର ରନ୍ଧାଲୁ, ସୁଜିତ କୁମାର ସାହୁ ଓ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ରକ୍ତଦାନ ଶିବିରରେ ଉପଖାଣ୍ଡ ପୋଲିସ ଅଧିକାରୀ ଡ଼ ତିରୁପତି ରାଓ ପଟ୍ଟନାୟକ ,ଜିଲ୍ଲା ପୋଲିସ ର ରକ୍ତଦାନ ଶିବିର ଦାୟିତ୍ୱରେ ଥିବା ନୋଡାଲ ଅଫିସର ତଥା ଡି ଏସ ପି ସୁନୀଲ କୁମାର ନାୟକ, ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ, ଫୁଲବାଣୀ ରକ୍ତଦାନ ସମିତିର ସମ୍ପାଦକ ତଥା ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା,ଏସ ଆଇ ଅନନ୍ତ କୁମାର ପ୍ରଧାନ,ପୂର୍ବତନ ଏନ୍ ଏ ସି ଅଧକ୍ଷ ପି ସଞ୍ଜୀବ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା ରେ ସହୋଯୋଗ କରିବା ସହ ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ ।

# ନାଳ ପାଣି ଅବରୋଧ ହେବାରୁ ଚାଷ କାମରେ ବାଧା ଅଭିଯୋଗ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଭରତପୁର ପଂଚାୟତର ଜଗନ୍ନାଥପୁର ଗ୍ରାମର ଶତାଧିକ ଚାଷୀ ନାଳ ପାଣି ଅବରୋଧ ହେଉଥିବାରୁ ତାଙ୍କ ଚାଷ କାମରେ ବାଧା ସୃଷ୍ଟି ହେଉଥିବା ନେଇ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ବସପୁର ଜଳ ସେଚନ ବିଭାଗ ଅଧିନରେ ଥିବା ଜଗନ୍ନାଥପୁର କେନାଲ ୧୯୨୭ ମସିହା ପୂର୍ବରୁ ଯାଇଅଛିଫା ଯାହାକି ସାବକ ହାଲ ନକ୍ସାରେ ଦର୍ଶାଯାଇ ଅଛି । ସେହି ନାଳ ପାଣି ଉପରେ ଶତାଧିକ ଚାଷୀ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି । କିନ୍ତୁ ଜଗନ୍ନାଥପୁର ଗ୍ରାମର ଜଣେ ବ୍ୟକ୍ତି କେନାଲର କିଛି ଅଂଶକୁ ଂଂଚକତା କରି ନିଜ ନାମରେ ଦର୍ଶାଇ ଥିବାରୁ ନାଳ ପାଣିକୁ ଜବରଦସ୍ତ ବନ୍ଦ କରି ଦେଉଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନାଳ ପାଣି ନ ଛାଡିବାରୁ ଏହି ଚାଷୀମାନେ ନାଳ ପାଣିରେ ଧାନ ଚାଷ, ମୁଗ ଚାଷ ଆଦି କରିପାରୁ ନାହାଁନ୍ତି ।

# ଏଚ୍ଏସ୍ଆରପିରେ ନୂଆ ସମସ୍ୟା : ବୁକିଂ ହେଉନି ବନ୍ଦ କମ୍ପାନିର ଗାଡ଼ି ନମ୍ବର



ଭୁବନେଶ୍ୱର , ୦୮/୧୧ (ନି.ପ୍ର): ହାଇ-ସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ (ଏଚ୍ଏସ୍ଆରପି)କୁ ନେଇ ଏବେ ଏକ ନୂଆ ସମସ୍ୟା ପଦାକୁ ଆସିଛି । ଦେଶରୁ ବ୍ୟବସାୟ ବନ୍ଦ କରିଦେଇଥିବା କିଛି ବାହାର କମ୍ପାନି ଗାଡ଼ି ପାଇଁ ଏହି ନମ୍ବର ପ୍ଲେଟ୍ ବୁକିଂ ହୋଇପାରୁନାହିଁ । ଗାଡ଼ି ମାଲିକ ଆରଟିଓଠାରୁ ଆରମ୍ଭ କରି ପରିବହନ ବିଭାଗ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ କେହି ତାଙ୍କ ସମସ୍ୟାର ସମାଧାନ କରିପାରୁନାହାନ୍ତି । ଏପରିକି ଟେଣ୍ଡର ଦେଇଥିବା ସଂସ୍ଥାକୁ ମଧ୍ୟ ମେଲ୍ କରିଆରେ ଜଣାଇଲେ କୌଣସି ଲାଭ ହେଉନାହିଁ । ତେଣୁ ଟ୍ରାଫିକ୍ରେ ଧରା ପଡ଼ି ଚାଲାଣ ଦେବା ଭୟରେ ସେମାନେ ଘରୁ ଗାଡ଼ି ବାହାର କରୁନାହାନ୍ତି ।

ସୂର୍ଯ୍ୟ ନାରାୟଣ ଦାସ ନାମକ ଜଣେ ବ୍ୟକ୍ତି ୨୦୧୭ ମସିହାରେ ୟୁଏମ୍ କମାଣ୍ଡୋ ଗାଡ଼ି କିଣିଥିଲେ । ଗାଡ଼ିର ଦାମ୍ ପାଖାପାଖି ୨ ଲକ୍ଷ ଟଙ୍କା ହେବ । ତେବେ କରୋନା ପରେ ବିଶ୍ୱବ୍ୟାପୀ ଆସନ୍ନ ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି ଏହି ବିଦେଶୀ କମ୍ପାନି ଭାରତ ଛାଡ଼ି ଦେଇଛି । ଭାରତରେ ଥିବା ଏହାର ୟୁନିଟ୍ଗୁଡ଼ିକ ବନ୍ଦ ହେବା ସହ ବିକ୍ରି ଓ ସର୍ଭିସିଂ ବନ୍ଦ ହୋଇଯାଇଛି । ଭାରତର କୌଣସି ଗାଡ଼ି କମ୍ପାନି ସହ ମଧ୍ୟ ତା'ର ସହବନ୍ଧନ ନାହିଁ । ତେଣୁ ଏବେ ଏଭଳି ଗାଡ଼ିର ଏଚ୍ଏସ୍ଆରପି ନମ୍ବର ୱେବ୍ସାଇଟ୍ରେ ବୁକ୍ ହୋଇପାରୁନାହିଁ । ବୁକ୍ କରିବା ବେଳେ କମ୍ପାନିର ବିକଳ୍ପ ହିଁ ଦେଖାଉନାହିଁ । ତେଣୁ ସେ କ'ଣ କରିବେ, ଚିନ୍ତାରେ ପଡ଼ିଛନ୍ତି । ନା ଗାଡ଼ି କମ୍ପାନିକୁ ଅଭିଯୋଗ କରିପାରୁଛନ୍ତି ନା ଆରଟିଓ କିଛି କରିପାରୁଛି ।

ଏ ସଂପର୍କରେ ସୂର୍ଯ୍ୟନାରାୟଣ ଭୁବନେଶ୍ୱର-୧ ଆରଟିଓ ଅଫିସ୍ରେ ଅଭିଯୋଗ କରିଥିଲେ । କିଛି ଲାଭ ହେଲାନି । ତେଣୁ ସିଧା ପରିବହନ ବିଭାଗକୁ ଚିଠି ଲେଖିଲେ । କିନ୍ତୁ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ତାଙ୍କ ଚିଠିର ଉତ୍ତର ମିଳି ନାହିଁ କି' ତାଙ୍କ ସମସ୍ୟାର ସମାଧାନ ହୋଇନାହିଁ । ପରେ ପୁଣି ଗତ ୨୮ ସେପ୍ଟେମ୍ବର ମାସରେ ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ସଚିବଙ୍କୁ ଚିଠି ଲେଖିଲେ । ତଥାପି ତାଙ୍କ ଗାଡ଼ିରେ ନମ୍ବର ପ୍ଲେଟ୍ ଲାଗି ପାରିନାହିଁ । ତେବେ ରାଜ୍ୟ ପରିବହନ ବିଭାଗ (ଏସ୍ଟିଏ) ମଧ୍ୟ ଏହାକୁ ନେଇ ଚିନ୍ତାରେ ପଡ଼ିଛି । ଏପରି ଅଭିଯୋଗର ସମାଧାନ କିପରି କରିବ, ଏସ୍ଟିଏକୁ କିଛି ବୁଦ୍ଧିବାଟ ଦିଶୁ ନାହିଁ ।

ସେହିପରି ଲଲାଟେନ୍ଦୁ କୁମାର ପାଥି ନାମକ ଜଣେ ଯୁବକଙ୍କ ଗୋଟିଏ ରାଜଦୁତ୍ ରହିଛି । ଗାଡ଼ିଟି ବହୁ ବର୍ଷ ପୁରୁଣା ହୋଇଥିଲେ ହେଁ ଆରଟିଓ ଫିଟନେସ୍ ଅଛି । ମାତ୍ର ରାଜଦୁତ୍ କଂପାନି ଦେଶରେ ନ ଥିବାରୁ ତାଙ୍କ ଗାଡ଼ିର ଏଚ୍ଏସ୍ଆରପି ନମ୍ବର ପ୍ଲେଟ୍ ବୁକ୍ ହୋଇପାରୁନଥିଲା । ବାରମ୍ବାର ଆରଟିଓ ଅଫିସ୍ରେ ଅଭିଯୋଗ କରିବା ପରେ ମଧ୍ୟ ସମାଧାନ ହେଲା ନାହିଁ । ପରେ ବିଭାଗୀୟ ଅଧିକାରୀ, ରାଜ୍ୟପାଳଙ୍କୁ ଭେଟି ଏ ସଂପର୍କରେ ଗୁହାରି କରିଥିଲେ । ଶେଷରେ କଟକ ଆରଟିଓ ଅଫିସରେ ଅନ୍ୟ ଏକ କମ୍ପାନି ସହ ତାଙ୍କ ଗାଡ଼ିକୁ ଟାଏ-ଅପ୍ କରାଯାଇ ତାଙ୍କର ନମ୍ବର ପ୍ଲେଟ୍ ବୁକିଂ କରାଯାଇଥିଲା ।

କିନ୍ତୁ ରାଜ୍ୟ ପରିବହନ ବିଭାଗ (ଏସ୍ଟିଏ)ର ଜଣେ ଅଧିକାରୀଙ୍କ କହିବା କଥା, ସବୁ କମ୍ପାନିର ଗାଡ଼ି ପାଇଁ ଏଚ୍ଏସ୍ଆରପି ନମ୍ବର ପ୍ଲେଟ୍ ବୁକିଂ ହୋଇପାରିବ । ଯେଉଁମାନେ ବି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାଙ୍କର ଗାଡି ଯେଉଁ ଆରଟିଓ ଅଧୀନରେ ରେଜିଷ୍ଟ୍ରେସନ୍ ହୋଇଛି ସେହି ଆରଟିଓ ଅଫିସରେ ଯୋଗଯୋଗ କଲେ ଏଚ୍ଏସ୍ଆରପି ନମ୍ବର ପ୍ଲେଟ୍ ବୁକିଂ କରିପାରିବେ । ସମସ୍ତ ଆରଟିଓ ଅଫିସରେ ଏଚ୍ଏସ୍ଆରପି ହେଲ୍ପ ଡେସ୍କ ରହିଛି । ତେଣୁ ସେଠାରେ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

# ଭାରତୀୟ କିଷାନ ସଂଘ ପକ୍ଷରୁ ୮ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୦୮/୧୧ (ନି.ପ୍ର): ଭାରତୀୟ କିଷାନ ସଂଘ ଓଡିଶା କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଏକ ୧୧ଦଫା ଦାବିପତ୍ର ସଭାପତି ସର୍ବେଶ୍ୱର ରାଉତଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉତ୍ପାଦନ କରୁଥିବା ଫସଲକୁ ଲାଭକାରୀ ମୂଲ୍ୟ ପ୍ରଦାନ କରାଯାଉ, କୃଷକ ପ୍ରାଥମିକ କୃଷିର ଉତ୍ପାଦନ ଉପରୁ ଜିଏସଟି ଛାଡ କରାଯାଉ, ପ୍ରତି ବ୍ଲକରେ କୃଷକ ହାଟ ଓ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ । ଚାଷ ପାଇଁ ଜଳ ସେଚନ ନିଷ୍କାସନ ଉପରେ ପ୍ରାଧାନ୍ୟ ଦିଆଯାଉ, ମାର୍ଶାଘାଇ ବ୍ଲକରେ ଯାଉଥିବା ଗୋବରୀ ନଦୀର ଶାଖା ଗଙ୍ଗୁଆ ନଦୀକୁ ପୁନରୁଦ୍ଧାର କରାଯାଉ, ପ୍ରଧାନମନ୍ତ୍ରୀ କୃଷକ ସମାନ ନିଧି ଯୋଜନା ରାଶିକୁ ବୃଦ୍ଧି କରାଯାଉ ଆଦି ଦାବି ଗୁଡିକ ରହିଛି । ଡେପୁଟି କଲେକ୍ଟର ରାଜେନ୍ଦ୍ର ଆଚାର୍ଯ୍ୟଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଂପାଦକ ମୁକେଶ କୁମାର ଧଳଙ୍କ ସହିତ ପ୍ରତାପ କୁମାର ତ୍ରିପାଠୀ, ରଜନୀକାନ୍ତ ମିଶ୍ର, ଦିବାକର ପ୍ରଧାନ, ସୋମନାଥ ପଣ୍ଡା, ଧନେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ମୃତ୍ୟୁ ସହାୟତା ରାଶି ପ୍ରଦାନ

ମାଲକାନଗିରି, ୦୮/୧୧ (ନି.ପ୍ର): କାଳିମେଳା ବ୍ଲକ ଏମଭି ୭୯ ଠାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ଆଜି ପି ଏମ୍ ଜି ଆଇ ଯୋଜନା ର ଜୈନେକ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯାଇଛି । ଏମ୍ ପି ଭି ୮୧ ଗ୍ରାମର ଆଳଦି ରାୟ ନିଜ ସ୍ୱାମୀ କ୍ଷିତିସ୍ ରାୟଙ୍କ ନାମରେ ଏକ ପିଏମଜେଜେବିୱାଇ ଯୋଜନା ମାଧ୍ୟମ ରେ ୩୩୦ଟଙ୍କା ବର୍ଷ କୁ ବାନ୍ଧି ଥିଲେ, ତାଙ୍କ ସ୍ୱାମୀ ଙ୍କର ମୃତ୍ୟୁ ହେବା ପରେ ନୋମିନି ଥିବା ତାଙ୍କ ସ୍ତ୍ରୀ ଙ୍କୁ ଏମଭି ୭୯ ବ୍ୟାଙ୍କ୍ ପରିଚାଳକ ଅମିୟ ବୈରାଗୀ ଓ ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟା ଅପର୍ଣ୍ଣା ମଣ୍ଡଳ, ପୂର୍ବତନ ଜିଲ୍ଲା ପରିଷଦ ପରିତୋଶ ସରକାର ତାଣ୍ଡବାଇ ସରପଞ୍ଚ ସତ୍ୟ ମାଡକାମି ,ଏବଂ ୟୁଜିବି ବ୍ୟାଙ୍କ କୋଷାଧକ୍ଷ ସୁଧାକର ନାୟକ, ବ୍ୟାଙ୍କ ମିତ୍ର ସୁପ୍ରିୟା ଜେନା ପ୍ରମୁଖ ଉପସ୍ଥିତରହି ୨ ଲକ୍ଷ ଟଙ୍କାର ଚେକ ଦେଇ ଥିଲେ ।

ଶୁକ୍ରବାର, ଡିସେମ୍ବର ୦୯, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପୋଷଣ ଅଭିଯାନ ପାଇଁ ଲକ୍ଷ୍ୟଭେଦୀ କାର୍ଯ୍ୟକ୍ରମ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ରାଜ୍ୟରେ ପୋଷଣ ଅଭିଯାନକୁ ପୂର୍ଣ୍ଣ 'ଳପ୍ରଦ କରିବା ପାଇଁ ପ୍ରଶାସନିକ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏଥି ପାଇଁ ଲକ୍ଷ୍ୟଭେଦୀ ଏବଂ ସଂଯୋଜିତ କାର୍ଯ୍ୟକ୍ରମ ସ୍ଥିର କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ଏବଂ ଅନ୍ୟ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଏ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ଏବଂ କିଶୋରୀ ମାନଙ୍କ ପୁଷ୍ଟି ସାଧନ ଓ ସ୍ୱାସ୍ଥ୍ୟ ଯତ୍ନ ନିମନ୍ତେ ଏକ ବ୍ୟାପକ କାର୍ଯ୍ୟ- ଖସଡା ପ୍ରସ୍ତୁତ କରାଯିବ । ଶିଶୁ ଗେଡାପଣ, ପୁଷ୍ଟିହୀନତା ଓ ରକ୍ତହୀନତା ରୋକିବା ସହ ମାତୃ ସ୍ତନ୍ୟପାନ, ଶୁଦ୍ଧ ପାନୀୟ ଜଳ, ପରିମଳ, କୃମିନାଶ, ଟୀକାକରଣ, ଭିଟାମିନ୍ ବଟିକା ଗ୍ରହଣକୁ ପ୍ରୋତ୍ସାହିତ କଲାଭଳି ଲକ୍ଷ୍ୟଭେଦୀ କାର୍ଯ୍ୟାନୁଷ୍ଠାନ ଖସଡା ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପିଲାମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଓ ଶିଶୁ ଗେଡାପଣ ବାର୍ଷିକ ଦୁଇ ପ୍ରତିଶତ ହ୍ରାସସହ ୫ ବର୍ଷ ବୟସରୁ କମ୍ ଶିଶୁ, କିଶୋରୀ, ଓ ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ବାର୍ଷିକ ତିନି ପ୍ରତିଶତ ହ୍ରାସ ନିମନ୍ତେ ବୈଠକରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟ,ଘର ପଛପଟ ବଗିଚା, କମ୍ୟୁନିଟ୍ କେନ୍ଦ୍ର ପରିପାର୍ଶ୍ୱରେ ପନିପରିବା ଚାଷ ଏବଂ ନର୍ସରୀ ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ନରେଗା ପାଣ୍ଠି ବିନିଯୋଗରେ ସଜନା, କଦଳୀ ଆଦି ପୁଷ୍ଟି ଯୁକ୍ତ 'ଳ ଓ ପନିପରିବା ଚାରା ରୋପଣ କରିବା ସହ ଲୋକମାନଙ୍କୁ ନିଜ ନିଜର ଘରବାଡିରେ ଲଗାଇବା ପାଇଁ ବଂଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିଭଳି ୧୦ ରୁ ୧୫ ଟି ପୁଷ୍ଟିଯୁକ୍ତ ବୃକ୍ଷ ତାଲିକାଭୁକ୍ତ କରିବାପାଇଁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ରକ୍ତହୀନତା ଓ ଗେଡାପଣର ଆକ୍ରାନ୍ତ ଶିଶୁ ଓ ମହିଳାମାନଙ୍କର ସବିଶେଷ ତଥ୍ୟ ସଂଗ୍ରହ ସହ ବ୍ଲକ୍, ଜିଲ୍ଲା ଏବଂ ପଂଚାୟତସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂପର୍କରେ ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସବିଶେଷ ସୂଚନା ଦେଇଥିଲେ।

# ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲୋଇଜ ୟୁନିୟନ ସାଧାରଣ ସଭା

ବାଲେଶ୍ୱର, ୦୮/୧୨ (ନି.ପ୍ର): ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲୋଇଜ ୟୁନିୟନର ଦ୍ୱିତୀୟ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ପ୍ରତି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ ଭାବେ ବଢ଼ି ଚାଲିଥିବା ବେଳେ ବୈଷୟିକ କର୍ମଚାରୀଙ୍କୁ ଉଚିତ ଦରମା ସାଙ୍ଗକୁ ଉପଯୁକ୍ତ ସମ୍ମାନ ପ୍ରଦାନର ଆବଶ୍ୟକତା ରହିଛି ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ। ଆଇଏନଟିୟୁସି ସଂଗଠନର ଜିଲା ମହିଳା ସଭାପତି, ଯୁବ ସଭାପତି ବିକାଶ ଦାସ, ସାଧାରଣ ସମ୍ପାଦକ ଦୀପକ କୁମାର ବାରିକ, ଭଦ୍ରକ କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ କମଲେଶ ସାମଲ, ପ୍ରଭାତ କୁମାର ଦାସ,ସୁବାସ ଚନ୍ଦ୍ର ପୁଷ୍ପାଳକ, ଦେବରାଜ ବେହେରା, ଦେବାନନ୍ଦ ଧଳ, ମଦନ ସ୍ୱାଇଁ, ସନ୍ତୋଷ କୁମାର ପୁହାଣ, ରମେଶ ଚନ୍ଦ୍ର ପ୍ରଧାନ, ଦିଲୀପ ମହାନ୍ତି, ସୁଶାନ୍ତ ସାହୁ, ସୁଶାନ୍ତ କୁମାର ଜେନା, ସୌଭାଗ୍ୟ ରାଉତ, ଦୀପ୍ତିରଂଜନ ସାମଲ, କମଳଲୋଚନ ସେନାପତି ପ୍ରମୁଖ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବୈଷୟିକ କର୍ମଚାରୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକଣ ଏବଂ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆସନ୍ତାବର୍ଷ ପାଇଁ ସଂଗଠନର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଚିତ୍ତରଂଜନ ଷଡ଼ଙ୍ଗୀ ଓ ନିତ୍ୟାନନ୍ଦ ରାଉତ ଉପଦେଷ୍ଟା, ସୁରେଶ ଚନ୍ଦ୍ର ବେହେରା ସଭାପତି, ଗୁରୁ ବେହେରା କାର୍ଯ୍ୟକାରୀ ସଭାପତି, ସୁବାସ ଚନ୍ଦ୍ର ପୁଷ୍ପାଳକ ଓ ଦେବରାଜ ବେହେରା ଉପ-ସଭାପତି, ପ୍ରଭାତ କୁମାର ଦାସ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ପୁହାଣ କର୍ପୋରେଟ ସେକ୍ରେଟାରୀ, ମଦନ ମୋହନ ସ୍ୱାଇଁ ଓ ଦେବାନନ୍ଦ ଧଳ ସାଂଗଠନିକ ସମ୍ପାଦକ, ରମେଶ ଚନ୍ଦ୍ର ପ୍ରଧାନ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ଚୟନ ହୋଇଥିଲେ।

# ସେଲଫି ପଏଣ୍ଟ 'ଆଇ ଲଭ ବାଲେଶ୍ୱର' ଉଦ୍‌ଘାଟିତ



ବାଲେଶ୍ୱର, ୦୮/୧୨ (ନି.ପ୍ର): ଦୀର୍ଘ ଦିନର ଅପେକ୍ଷା ପରେ ସହରର ଆକର୍ଷଣୀୟ ସେଲଫି ପଏଣ୍ଟ 'ଆଇ ଲଭ ବାଲେଶ୍ୱର' ଗୁରୁବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଅବକାରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସେଲଫି ପଏଣ୍ଟକୁ ଉଦଘାଟନ କରିଥିଲେ। ବାଲେଶ୍ୱର ପୌରପାଳିକା ତଥା ପୌର ପରିଷଦର ଉଦ୍ୟମରେ ପ୍ରତିଷ୍ଠା କରାଯାଇଥିବା ଏହି ସେଲଫି ପଏଣ୍ଟରୁ ଜିଲାବାସୀ ଭରପୂର ମଜା ଉଠାଇବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ତେବେ ଏହାର ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ପୌରାଧ୍ୟକ୍ଷା ସବିତା ସାହୁ, ଉପାଧ୍ୟକ୍ଷା କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସେଲଫି ପଏଣ୍ଟ ବାଲେଶ୍ୱର ସହରର ଗରିମା ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ। ବାଲେଶ୍ୱର ସମେତ ଓଡ଼ିଶାର କଳା ଓ ସଂସ୍କୃତିକୁ ଏହି ସେଲଫି ପଏଣ୍ଟରେ ସ୍ଥାନୀତ କରାଯାଇଥିବା ବେଳେ ଜିଲାବାସୀ ତଥା ବାହାରୁ ଆସୁଥିବା ଲୋକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥଳ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ବାଲେଶ୍ୱରର ଅତିରିକ୍ତ ଉପ-ଜିଲାପାଳ ତଥା ପୌରପାଳିକାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ୯ ନଂ ୱାର୍ଡ଼ କାଉନସିଲର ସଂଜୀବ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୌର ପରିଷଦର କାଉନସିଲର ଓ ପୂର୍ବତନ କାଉନସିଲରଙ୍କ ସମେତ ବହୁ ସଂଗଠକ ଏବଂ ଏସଏଚଜି ମହିଳା ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଦଘାଟନ ପରେ ସେଲଫି ଉଠାଇବାକୁ ଏଠାରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଉପନିର୍ବାଚନ ଫଳାଫଳକୁ ସ୍ୱୀକାର କରୁଛୁ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ଫଳାଫଳକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଫଳାଫଳକୁ ସ୍ୱୀକାର କରିବା ସହ ମତଦାତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ଏହା ସହ ସେ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଟୁଇଟ୍ କରିଛନ୍ତି ଯେ ପଦ୍ମପୁର ଉପନିର୍ବାଚନର ଫଳାଫଳକୁ ସ୍ୱୀକାର କରୁଛୁ। ଆମ ଦଳକୁ ଭୋଟ୍ ଦେଇଥିବା ପ୍ରତ୍ୟେକ ମତଦାତାଙ୍କୁ ଆନ୍ତରିକ ଧନ୍ୟବାଦ। ଗଣତନ୍ତ୍ରରେ ଜନତାଙ୍କ ରାୟକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନକଲ୍ୟାଣ ଓ ଲୋକସମ୍ପର୍କ ମାଧ୍ୟମରେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବୁ। ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା।

# ଜୀ ସାର୍ଥକ ଫିଲ୍ମସର ନୂଆ ସିନେମା 'ପୋଲିସ୍ ବାବୁ'ର ଅଡିଓ ରିଲିଜ୍



ଭୁବନେଶ୍ୱର, ୦୮/୧୨ (ନି.ପ୍ର): ଗତକାଲି ତା. ୮ ଡିସେମ୍ବର ସନ୍ଧ୍ୟାରେ ଜୀ-ସାର୍ଥକ ଫିଲ୍ମସ ର ନୂଆ ଚଳଚ୍ଚିତ୍ର 'ପୋଲିସ ବାବୁ' ର ଅଡିଓ ରିଲିଜ୍ ଭୁବନେଶ୍ୱର ର ଏକ ତାରକା ହୋଟେଲର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଚଳଚ୍ଚିତ୍ର ରେ ଥିବା ତିନିଟି ଯାକ ଗୀତ ଶ୍ରୋତା ଙ୍କ ମନକୁ ଛୁଇଁଲା ଭଳି ହୋଇଛି କ୍ଷ ୧୧ ଡ଼ିସେମ୍ବର ସନ୍ଧ୍ୟା ୬:୩୦ ରେ ରିଲିଜ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପୋଲିସ୍ ବାବୁ'। ମନଛୁଆଁ ଗୀତ ସାଙ୍ଗକୁ ଜବରଦସ୍ତ ଡ୍ରାମା ଓ କମେଡିରେ ଭରପୂର ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେବ ବୋଲି 'ପୋଲିସ୍ ବାବୁ' ଟିମ୍ ପକ୍ଷରୁ କୁହାଯାଇଛି। ଅଜୟ ରାଉତଙ୍କ ପ୍ରଯୋଜନା ଓ ଶୈଳେନ୍ଦ୍ର ପରିଡ଼ାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଏଥିରେ ସୂର୍ଯ୍ୟ ମହାପାତ୍ର ଗୀତ ରଚନା କରିଛନ୍ତି ଏବଂ ଗୁଡ଼୍‌ଲି ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କଣ୍ଠଦାନ କରିଛନ୍ତି ଲିପ୍ସା, କୁଳଦୀପ, ଜ୍ୟୋତିର୍ମୟୀ ଓ ଶଶାଙ୍କ। ଚୁଲବୁଲି ନାୟିକା ସାୟଲ ଓ ହ୍ୟାଣ୍ଡସମ୍ ନାୟକ ଶୁଭାଶିଷ ଓରଫ ମଣ୍ଟୁ ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଜୀ- ସାର୍ଥକର ଅନେକ ସଫଳ ଚଳଚ୍ଚିତ୍ର ପରି ଏହି ଚଳଚ୍ଚିତ୍ରଟି ମଧ୍ୟ ଦର୍ଶକଙ୍କୁ ବିମୋହିତ କରିବ ବୋଲି ଜୀ-ସାର୍ଥକ ଚ୍ୟାନେଲ୍ ମୁଖ୍ୟ ଶ୍ରୀ ପ୍ରତୀକ ସିଲ୍ କହିଛନ୍ତି । ସବୁଠୁ ବଡ଼କଥା ହେଉଛି ଉଭୟ ଟେଲି ଧାରାବାହିକ ଓ ଚଳଚ୍ଚିତ୍ରରେ ଲୋକପ୍ରିୟ ହେଇଥିବା ମଣ୍ଟୁ ପ୍ରଥମ ଥର ପାଇଁ ପୋଲିସ ଭୂମିକାରେ ଦେଖିବାକୁ ମିଳିବେ ଏବଂ କମେଡି ବି କରିବେ । କିଛିଦିନ ପୂର୍ବରୁ ଜୀ ସାର୍ଥକ ଚ୍ୟାନେଲ୍ 'ଏଇ ରାକ୍ଷୀ ତୋ ରକ୍ଷ୍ୟା କବଚ',"ପାରି କରିବେ ମୋ ଭୋଳାଶଙ୍କର" ଓ "ଦିଦି ନମସ୍କାର" ଭଳି ଚଳଚ୍ଚିତ୍ର ଭେଟି ଦେଇ ଦର୍ଶକଙ୍କ ପ୍ରିୟଭାଜନ ହୋଇଛି । ଏଥର ଶୁଭାଶିଷ ଓରଫ ମଣ୍ଟୁ ଏବଂ ସାୟଲ୍ 'ପୋଲିସ୍ ବାବୁ' ମାଧ୍ୟମରେ ପୁଣି ଦର୍ଶକଙ୍କ ମନ ଜିଣିବେ ।

# ପଦ୍ମପୁର ଉପନିର୍ବାଚନରେ ବିଜେଡିର ଐତିହାସିକ ବିଜୟରେ ନୀଳଗିରି ବିଜେଡିର ବିଜୟ ଉତ୍ସବ ପାଳନ



ନୀଳଗିରି, ୦୮/୧୨ (ନି.ପ୍ର): ଧାମନଗର ଉପନିର୍ବାଚନରେ ଶାସକ ଦଳର ପ୍ରାର୍ଥୀଙ୍କ ପରାଜୟ ପରେ ପଦ୍ମପୁର ଉପ-ନିର୍ବାଚନରେ ଶାସକ ଦଳର ପ୍ରାର୍ଥୀଙ୍କୁ ବିଜୟ ପାଇଁ ବିଜୁ ଜନତା ଦଳ ପକ୍ଷରୁ ରଣ କୌଶଳ ପ୍ରୟୋଗ କରାଯାଇଥିଲା । ପଦ୍ମପୁର ଉପନିର୍ବାଚନ ପାଇଁ ରାଜ୍ୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବହୁ ବିଧାୟକ, ମନ୍ତ୍ରୀ, ବିଜେଡିର ବିଭିନ୍ନ ଜିଲ୍ଲାର ନେତୃମଣ୍ଡଳୀ ପଦ୍ମପୁର ଉପନିର୍ବାଚନରେ ଦିନରାତିକୁ ଏକ କରି ନିର୍ବାଚନରେ ବିଜୟ ପାଇଁ ଜାନ ଲଗାଇ ଦେଇଥିଲେ । ଗୁରୁବାରଦିନ ପଦ୍ମପୁର ଉପନିର୍ବାଚନର ଫଳ ବାହାରିବା ପରେ ବିଜେଡିର ପ୍ରାର୍ଥିନୀ ବର୍ଷା ସିଂ ବରିହା ୪୨୬୭୯ ଖଣ୍ଡ ଭୋଟରେ ବିଜେପିର ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ପରାଜୟ କରାଇ ଐତିହାସିବ ବିଜୟ ଲାଭ କରିଛନ୍ତି । ବର୍ଷା ସିଂ ବରିହାଙ୍କର ବିଜୟ ରେ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଏବଂ ବିଜେଡି ନେତା ଶିଶିର କୁମାର ରାଉତଙ୍କ ପୌରହିତ୍ୟରେ ନୀଳଗିରି ଦୁର୍ଗାମଣ୍ଡପ ନିକଟରେ ଆଡ଼ମ୍ବରପୂର୍ଣ୍ଣ ସହକାରେ ବିଜୟ ଉତ୍ସବ ପାଳନ କରାଯାଇଛି । ରୋଷଣୀ ବାଣରେ ଅଂଚଳଟି ପ୍ରକମ୍ପିତ ହୋଇପଡ଼ିଥିଲା । ନୀଳଗିରି ସହର ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ବହୁ କମ ଭୋଟରେ ପରାଜୟ କରିଥିବା ବେଳେ ପଦ୍ମପୁର ଉପନିର୍ବାଚନରେ ଝାରବନ୍ଧ ପଂଚାୟତର କୁସୁରୀ ପଂଚାୟତର ଦାୟିତ୍ୱ ସନ୍ତୋଷ ଖଟୁଆ ନେଇଥିବା ବେଳେ ନିଜର ରଣକୌଶଳ, ନବୀନ ବାବୁଙ୍କ ସୁଶାସନ, ଜନହିତକର କାର୍ଯ୍ୟକୁ ନେଇ ଭୋଟରଙ୍କ ପାଖରେ ପହଂଚାଇଥିଲେ । ଫଳରେ ଉକ୍ତ ପଂଚାୟତ ରେ ବିଜେଡି ୨୦୫୩ ଖଣ୍ଡ ଗୋଟ ପାଇଥିବା ବେଳେ ବିଜେପି ୧୦୮୬ ଖଣ୍ଡ ଭୋଟ ପାଇଥିଲା । ଏଥିପାଇଁ ପଂଚାୟତବାସୀ ସନ୍ତୋଷ ଖଟୁଆଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି ।

## ରୋଟାରୀର କ୍ଲବ ପକ୍ଷରୁ ନିଃଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

ବାଲେଶ୍ୱର, ୦୮/୧୨ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ମର୍ଦ୍ଦରାଜପୁର ଠାରେ ମୋତିଆବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିହ୍ନଟ ୯ ମୋତିଆବିନ୍ଦୁ ରୋଗୀଙ୍କୁ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ଅଣାଯାଇ ଅସ୍ତ୍ରୋପଚାର କରାଯାଇଛି। ସେହିଭଳି ମୋତିଆବିନ୍ଦୁ ଯାଞ୍ଚ ସହ ଅସ୍ତ୍ରୋପଚାର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ନୀଳଗିରି, ଊପଦା, ସୋର, ଜଳେଶ୍ୱର ଏବଂ ବାଲିଆପାଳ ଶାଖା କ୍ଲବଙ୍କୁ ଦାୟିତ୍ୱ ଦିଆଯାଇଛି। ରୋଗୀମାନଙ୍କର ମୋତିଆବିନ୍ଦୁ ପରୀକ୍ଷା ସହ ନିଃଶୁଳ୍କ ଅସ୍ତ୍ରୋପଚାର କରିବାରେ ଉପଦେଷ୍ଟା ସୁବ୍ରତ କର, ଅଧ୍ୟକ୍ଷ ମାତୃଦତ୍ତ ଦାସ, ବିଷ୍ଣୁଦାସ କୁଣ୍ଡୁ, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ନେତା ଓ କର୍ମୀ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ପଦମପୁର ଉପନିର୍ବାଚନ ବିଜୟ ପରେ ବିଜେଡି କ୍ୟାମ୍ପରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଫଳାଫଳ ପ୍ରକାଶ ପାଇବା ପରେ ବିଜୁ ଜନତା ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସରେ ଦଳୀୟ କର୍ମୀମାନେ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନେତା ଓ କର୍ମୀଙ୍କୁ ଉତ୍ସାହ ଦେଇଛନ୍ତି। ଏଥି ସହିତ ଭଲ କାମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଆପଣମାନଙ୍କୁ ବହୁତ ବହୁତ ଅଭିନନ୍ଦନ ଜଣାଉଛି। ଆମେ ଭଲ କାମ କରୁଛୁ। ଆଗକୁ ଭଲ କାମ କରିବୁ। ଅପରପକ୍ଷରେ ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ସେଲିବ୍ରେସନ୍ ଦେଖିବାକୁ ମିଳିଥିଲା। ଧାମନଗର ଉପନିର୍ବାଚନ ପରାଜୟ ପରେ ପଦମପୁର ବିଜୟ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଛି।

## ଆମ ଅଦମୀ ପାର୍ଟି ପକ୍ଷରୁ ବିଜୟ ଦିବସ ପାଳିତ

କୋରେଇ, ୦୮/୧୨ (ନି.ପ୍ର): ଆମ ଆଦମୀ ପାର୍ଟି ପକ୍ଷରୁ ଦିଲ୍ଲୀର ଏମସିଡି ଦଖଲ ପରେ ଓ ଗୁଜୁରାଟ ନିର୍ବାଚନ ପରେ ଏହା ଏକ ରାଷ୍ଟ୍ରୀୟ ଦଳ ଭାବେ ଉଭା ହୋଇଥିବାରୁ କୋରାଇ ଆମ ଆଦମୀ ପାର୍ଟି ପକ୍ଷରୁ ପାଣିକୋଇଲିରେ ବିଜୟ ଦିବସ ପାଳିତ ହୋଇଛି । ଆପ ନେତା ତଥା କୋରାଇ ଆବାହକ ଧରଣୀଧର ଘଡାଇଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଶର୍ମା ଟାଙ୍କିରୁ ବାହାରି ରାଜପଥ ଦେଇ କାଙ୍କଲାରେ ପହଂଚିବା ପରେ ସେଠାରେ ଏକ ସାଧାରଣ ସଭା କରାଯାଇଥିଲା । ଏହି ଅବସରରେ ବୃକ୍ଷରୋପଣ କରାଯିବା ପରେ କେକ କଟାଯାଇ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ ମନୋଜ ମହାନ୍ତି, ଦାମୋଦର ସାହୁ, ବାସୁ କିଶୋର ଦାସ, ତପନ ମିଶ୍ର ଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମିଳିତ ଆଲୋଚନା ଚକ୍ର



ବାଲେଶ୍ୱର, ୦୮/୧୨ (ନି.ପ୍ର): ସଦର ବ୍ଲକ ସ୍ଥିତ ନୀଳମଣି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଓ ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅମର୍ଦ୍ଦାରୋଡ଼ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ପାଠ ଚକ୍ର ତା ୬-୧୨-୨୦୨୨ରିଖରେ ଅନୁଷ୍ଠିତ ହୋଇଯାଇଛି । ରାଧାନାଥ ସାହିତ୍ୟର ବୈଶିଷ୍ଟ୍ୟ ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା ପାଇଁ ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅମର୍ଦା ରୋଡ଼ ର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଗୌତମ କିଶୋର ନାୟକ ମୁଖ୍ୟ ଅତିଥି ଓ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷାସାହିତ୍ୟର ପ୍ରାଧ୍ୟାପକ ଡ଼ ପ୍ରଫୁଲ୍ଲ କୁମାର ଦେ ବିଷୟ ବିଶାରଦ ଭାବରେ ଯୋଗ ଦାନକରି ରାଧାସାହିତ୍ୟର ସବୁ ଦିଗ ପ୍ରତି ଆଲୋକ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଓ ଅଧକ୍ଷ ଡ. ତପନ କୁମାର ବେହେରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ପାଠଚକ୍ରରେ ଅଧ୍ୟାପକ ଶ୍ରୀଧର ବେହେରା ପ୍ରବନ୍ଧ ପାଠ କରିଥିଲେ, ସିଦ୍ଧେଶ୍ୱର ମହାବିଦ୍ୟାଳୟ ର ଛାତ୍ରୀ ବୈଷ୍ଣବୀ ଦାସ, ଅଲିଭା ଖଟୁନ, ନୀଳମଣି କଲେଜର ଛାତ୍ରୀ ଋତୁଶ୍ରୀ, ଜୟଦେବ, ଗୀତା, ସମୀକ୍ଷା, ରଶ୍ମିରେଖା, ୟାସ୍ମିନ, ପ୍ରିୟଙ୍କା, ସଞ୍ଜୟ, ବସୁମତୀ, ଓ ଓଡ଼ିଆ ସମ୍ମାନ ଶ୍ରେଣୀର ଅନେକ ଛାତ୍ର ଛାତ୍ରୀ ପ୍ରବନ୍ଧ ପାଠ ସହିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବିଜୟ ବେହେରା, ଶମ୍ଭୁନାଥ ଗିରି, ଚନ୍ଦନ ଦାସ, ତପନଦାସ, ପ୍ରଭାକର ମହାଳିକ, ସରଜ ପାଣି ପ୍ରମୁଖ ରାଧାନାଥ ଙ୍କ ସାହିତ୍ୟ ର ବୈଶିଷ୍ଟ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ମଧୁମିତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇ-ଗଭର୍ଣ୍ଣାନ୍ସରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ପ୍ରୟୋଗ ପାଇଁ ଅଧିକ ସୁଯୋଗର ଅନୁସନ୍ଧାନ

ଭୁବନେଶ୍ୱର, ୦୮/୧୨ (ନି.ପ୍ର): ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀମାନଙ୍କ ପାଇଁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ(ଏଆଇ) - ନୀତି ଏବଂ ଅଭ୍ୟାସ ଉପରେ କର୍ମଶାଳା ଗୁରୁବାର ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇ ଯାଇଛି । ବୁଟ୍ କ୍ୟାମ୍ପକୁ ଉଦ୍‌ଘାଟନ କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢୀ ସୂଚନା ଦେଇଛନ୍ତି ଯେ ଏ.ଆଇକୁ ଢାଂଚା ଖୋଜିବା, ନୂତନ ଅନ୍ତର୍ଦୃଷ୍ଟି ଆବିଷ୍କାର କରିବା, ଉପଲବ୍ଧ ତଥ୍ୟରୁ ଅର୍ଥ ବାହାର କରିବା ଏବଂ ପୂର୍ବାନୁମାନ କରିବା ପାଇଁ ବ୍ୟବହାର କରାଯାଇପାରିବ। ଫସଲ ଅମଳ, ମୃତିକା ସ୍ୱାସ୍ଥ୍ୟ ନିରୀକ୍ଷଣ, ଗୁଳ୍ମ ଏବଂ କୀଟନାଶକ ନିୟନ୍ତ୍ରଣ, ମାଟିରେ ପୁଷ୍ଟିସାରର ଅଭାବ ଚିହ୍ନଟ ଏବଂ କୃଷି କ୍ଷେତ୍ରର ଅନ୍ୟାନ୍ୟ କାର୍ଯ୍ୟରେ ଏଆଇ କିପରି ବ୍ୟବହାର କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି, ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ, ଏ.ଆଇରେ ଜ୍ଞାନ, ଯୁକ୍ତି, ସମସ୍ୟା ସମାଧାନ, ଧାରଣା, ଶିକ୍ଷା, ଯୋଜନା ଏବଂ ସ୍ୱୟଂଚାଳିତ ପ୍ରକ୍ରିୟା ପାଇଁ ପ୍ରୋଗ୍ରାମିଂ ସମ୍ପର୍କରେ ଆଲୋଚନା କରିଥିଲେ । ବିଧାନସଭାର ସଦସ୍ୟମାନଙ୍କୁ ସହାୟତା ସେବା ପାଇଁ କଥାବାର୍ତ୍ତା ଇଂଟରଫେସ୍ ଟେକ୍ନୋଲୋଜି ତଥା ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଉପରେ ଆଧାରିତ ଚାଟବଟ୍, ବିଧାନସଭା ଡ୍ରାଫଟକୁ ସ୍ୱୟଂଚାଳିତ କରିବା, ବକ୍ତବ୍ୟ ଚିହ୍ନିବା କୌଶଳ ବ୍ୟବହାର କରି ବିଧାନସଭା ଭିଡିଓଗୁଡ଼ିକୁ ସନ୍ଧାନଯୋଗ୍ୟ କରିବା ଆଦି ଦ୍ୱାରା ଏ.ଆଇ ବ୍ୟବହାର କରାଯାଇପାରିବ ବୋଲି ସେ ମନ୍ତବ୍ୟ ରଖିଥିଲେ। ସୁଶ୍ରୀ ଶର୍ମିଷ୍ଠା ଦାସଗୁପ୍ତା, ଡିଡିଜି ଏବଂ ମୁଖ୍ୟ, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ରିସୋର୍ସ ଡିଭିଜନ୍, ଏନ.ଆଇ.ସି , ନୂଆଦିଲ୍ଲୀ, ଫଟୋ ଏବଂ ଭିଡିଓ ବିଶ୍ଳେଷଣ, ଭାଷଣ ସଂଶ୍ଳେଷଣ ଏବଂ ଚିହ୍ନଟକରଣ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ କ୍ଷେତ୍ରରେ ମଡେଲ୍ ବିଲ୍ଡିଂ ସମ୍ପର୍କରେ ବିଭାଗର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ, ଡେପୁଟି ଡାଇରେକଟର ଜେନେରାଲ୍ (ଟ୍ରେନିଂ) ଡକ୍ଟର ଅଶୋକ କୁମାର ହୋତା ସମସ୍ତଙ୍କୁ ସ୍ୱାଗତ କରି ଶାସନରେ ଏ.ଆଇ ଆବେଦନ ପାଇଁ ଅଧିକ ସୁଯୋଗ ଅନୁସନ୍ଧାନ କରିବା ପାଇଁ ଏନଆଇସି ୨୦୧୯ ରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଥିବା ସମ୍ପର୍କରେ ସୂଚନା ଦେଇଥିଲେ।

# ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ଧାରଣା ୩ୟ ଦିନରେ

ନୀଳଗିରି, ୦୮/୧୨ (ନି.ପ୍ର): ସମଗ୍ର ଓଡ଼ିଶାରେ ଥିବା ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରସ ଏସୋସିଏସନ ପକ୍ଷରୁ ବିଭିନ୍ନ ଦାବୀ ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନେ ନିଜ ନିଜ ବ୍ଲକ ର ସି.ଡି.ପି.ଓ. ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିଛନ୍ତି । ନୀଳଗିରି ସଂଘ ପକ୍ଷରୁ ଅନୁରୂପ ଭାବେ ନୀଳଗିରି ସି.ଡି.ପି.ଓ. ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ୩ୟ ଦିନ ଧାରଣାରେ ଗୁରୁବାର ଓଷା ପଡ଼ିଥିବାରୁ ସମସ୍ତ କାର୍ଯ୍ୟରରତ କର୍ମୀ ଓ ସହାୟିକା ମାନେ ସି.ଡି.ପି.ଓ.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଓଷା ରୀତିନୀତି ଅନୁସାରେ ପାଳନ କରିବା ସହ ଲକ୍ଷ୍ମୀପୁରାଣ ପଢ଼ିଛନ୍ତି । ଗୁରୁବାର ଓଷା ପାଳନ ଅବସରରେ ବ୍ରାହ୍ମଣ ଭାବେ ନୀଳଗିରିର ପୂର୍ବତନ ବିଧାୟକ ତଥା ସଂଘର ଉପଦେଷ୍ଟା ଚିତରଂଜନ ଷଡ଼ଙ୍ଗୀ ପୂଜାପାଠ କରିଥିଲେ । ଦାବୀ ମଧ୍ୟରେ ସରକାରୀମାନ୍ୟତା ଦାବୀ, ପାଂଚ ହଜାର ମାସିକ ପେନସନ ପ୍ରଦାନ, କର୍ମୀଙ୍କୁ ମାସିକ ୧୮ହଜାର ଦରମା ଓ ସହାୟିକାଙ୍କୁ ମାସିକ ୯ହଜାର ଟଙ୍କା ଦରମା ପ୍ରଦାନ ମିନି ଅଙ୍ଗନୱାଡିକୁ ଅଙ୍ଗନୱାଡ଼ି କେନ୍ଦ୍ର କରାଯାଉ, ଜି.କେ.ଏସ. କାର୍ଯ୍ୟରୁ ବାଦ ନେତା, ଗରମ ଖାଦ୍ୟର ମାନବୃଦ୍ଧି କରାଯାଉ ଆଦି ଆଠ ଦାବୀ ନେଇ ଧାରଣା କରୁଥିବା ଜଣାପଡ଼ିଛି । ଧାରଣାସ୍ଥଳରେ ସଂଘର ଉପଦେଷ୍ଟା ସାମ୍ବାଦିକ ବ୍ରଜକିଶୋର ପାଣି, ସଭାନେତ୍ରୀ ସୌଭାଗ୍ୟପତି ରାୟ, ସଂପାଦିକା ଲଳିତା ମଂଜରୀ ସିଂ, ସମତେ ସମସ୍ତ କର୍ମୀ ଓ ସହାୟିକାମାନେ ଧାରଣାରେ ବସିଥିଲେ ।

# ଉଦଳା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ



ଉଦଳା, ୦୮/୧୨ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ବାର୍ଷିକ କ୍ରୀଡ଼ା ସମାରୋହ ଚଳିତ ଡ଼ିସେମ୍ବର ୬ ଓ ୭ ତାରିଖ ୨ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ହନୁମାନ ମନ୍ଦିରରୁ କ୍ରୀଡ଼ାଜ୍ୟୋତି ଶିଶୁ ମାନଙ୍କ ଦ୍ୱାରା ଅଣାଯାଇ ଖେଳ ପଡ଼ିଆ ପରିକ୍ରମା କରାଯାଇଥିଲା ଏହାପରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୋଭାକର ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଉଦ୍‌ଘାଟନ କରିଥିଲେ । ସଂକୁଳ ପ୍ରମୁଖ କରୁଣାକର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଖେଳର ଆବଶ୍ୟକତା କେତେ ଅଧିକ ବ୍ୟକ୍ତ କରିଥିଲେ । କୋଷାଧ୍ୟକ୍ଷ ଅଜୟ କୁମାର ପତି କାର୍ଯ୍ୟକ୍ରମରେ ଅଧକ୍ଷତା କରି ନିଜକୁ ସୁସ୍ଥ, ସବଳ ଓ ନିରୋଗ ରଖିବା ପାଇଁ ନିୟମିତ କିଛି ସମୟ ଖେଳିବା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ମହାପାତ୍ର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଖେଳ ଏକ ବାଧତା ମୂଳକ ବିଷୟ ହେବା ଦରକାର ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା । ମୋଟ ୪୫୦ ଜଣ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନ ଉତ୍ସବରେ ବନ ବିଭାଗ ଅଧିକାରୀ ସୌମ୍ୟା ସୁଚରିତା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଖେଳ ପାଇଁ ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଥିବା ଖେଳାଳି ମାନଙ୍କର ଉଦାହରଣ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଉତ୍ସାହିତ କରିଥିଲେ। ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ପରିଚାଳନାରେ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo